

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

## The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଗୁରୁବାର ୨୩ ମଇ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 23 MAY 2025
Vol.No. 36 ■ No.135 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି
ବିଷୁବ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net

NIST
HIGHER SECONDARY SCHOOL
A HIGH PROFILE +2 SCIENCE & ARTS RESIDENTIAL COLLEGE

AHSE 2025 RESULT 100%
576
TOPPER - 2025
SOUJANYA NANDI

ABOVE 500 77
FIRST CLASS 370

ସଫଳତାର ଶୀର୍ଷରେ
ନିଷ୍ଟ +୨ ଆବାସିକ ମହାବିଦ୍ୟାଳୟ

ଉତ୍ତର ଓଡ଼ିଶାର ଏକମାତ୍ର କଲେଜ ଯିଏକି +୨ ବିଜ୍ଞାନ ପାଠ ପଢ଼ିବା ସହିତ ସର୍ବଭାରତୀୟ ସ୍ତରରେ ଛାତ୍ରଛାତ୍ରୀମାନଙ୍କର ମେଡ଼ିକାଲ ଓ ଇଂଜିନିୟରିଂ କୃତକାର୍ଯ୍ୟ ହେବା ପାଇଁ ଦୀର୍ଘ ୨୫ ବର୍ଷର ଅଭିଜ୍ଞତା ଥିବା ଅଧ୍ୟାପକମାନେ ଦାୟିତ୍ୱ ନିୟନ୍ତି । କଲେଜର ମାର୍ଗ ଦର୍ଶକ ମାନଙ୍କର ୨୫ ବର୍ଷର ଅଭିଜ୍ଞତା ଥିବା ସହ ସେମାନେ ପାଠ ପଢ଼ା ସହ ସମ୍ପୃକ୍ତ । +୨ ପରୀକ୍ଷା ଫଳ ସହିତ ସର୍ବଭାରତୀୟ ପରୀକ୍ଷା ଫଳ ରେ ସଫଳତା ହିଁ ତାଙ୍କର ମୁଖ୍ୟ ଲକ୍ଷ୍ୟ । ସେଥିପାଇଁ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ମେଡ଼ିକାଲ ଓ ଇଂଜିନିୟରିଂ କୋଚିଂ ପ୍ରତ୍ୟେକ ସପ୍ତାହରେ ଦୁଇଦିନର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଏ । ଆମ ଉପ ରେ ଭରଷା ରଖି ଅଭିଭାବକ ସେମାନଙ୍କ ପିଲାଙ୍କୁ ଆମ ପାଖରେ ଛାଡ଼ିଥିବାରୁ ଆମେ ସେମାନଙ୍କୁ ଧନ୍ୟବାଦ ଜଣାଉଛୁ।

୨୯୮ ଜଣ ଛାତ୍ର ଛାତ୍ରୀ ମେଟ୍ରିକ ନମ୍ବର ଠାରୁ +୨ ବିଜ୍ଞାନ ଓ କଳାରେ ଆଶାତୀତ ଭାବେ ଅଧିକ ନମ୍ବର ରଖିଛନ୍ତି

"ମୁଁ ନିଷ୍ଟରେ ପଢ଼ିବି ଭଲ ମଣିଷ ଟିଏ ହେବି"

Excellent AHSE Science Result - 2025

561 ANURADHA MOHANTY
560 SHIBADYUTI MOHANTY
557 DEBAJYOTI JENA
557 AUROSMITA PRADHAN
556 ABHILIPSA SWAIN
555 ABINASH BISWAL
555 DEBASMITA KAR
549 DEBADURLLAV DAS
549 SUMAN SAHU
545 PADMALOCHAN KHILAR
545 DURGA PRASAD MALIK
544 CHANDAN KUMAR ROUT
542 PRATIVA JENA
542 PRACHIPARIMITA DAS
540 SUBHADEEP SAMAL
540 SHIBA SHANKAR PUSTI
540 GIRIJA SHANKAR PARIDA
540 ABHIPSA PATRA

OUR PROUD IIT & NIT STUDENTS

DEBABRATA BISWAL – IIT, MUMBAI
RUPESH KU. MAHALICK – IIT, MUMBAI
BISWAJIT SENA – NIT, ROURKELA
ADITYA PRAKASH DAS – NIT, ROURKELA

Excellent AHSE Arts Result - 2025

SAMIKSHYA 510
SUBHAM 494
TULASI 490
BIBHUSMITA 483
OMPRAVA 480
SUPRIYA 479
NANDINI 460
ANKITA 459
PABITRA 459
DEBASMITA 455
FALGUNI 452
JAGANNATH 451

Admission in going on for

NEWTONIAN BASIC SCIENCE COLLEGE
(+3 SCIENCE COLLEGE)
HONS- PHYSICS, CHEMISTRY, BOTANY, ZOOLOGY & MATHEMATICS

NIST INSTITUTE OF MEDICAL SCIENCE
(B.SC NURSING COLLEGE)
(GNM COLLEGE)

NIST HIGHER SECONDARY SCHOOL
(+2 SCIENCE & ARTS COLLEGE)

EXCELLENT CHSE RESULT FROM 2015 TO 2025

| Year | Appeared | Passed | Result | 1st Div. | 2nd Div. | 3rd Div. |
|---|---|---|---|---|---|---|
| 2015 | 94 | 94 | 100% | 58 | 33 | 3 |
| 2016 | 128 | 127 | 99.9% | 75 | 50 | 2 |
| 2017 | 209 | 208 | 99.9% | 123 | 79 | 6 |
| 2018 | 265 | 264 | 99.9% | 167 | 96 | 1 |
| 2019 | 330 | 327 | 99.3% | 206 | 105 | 16 |
| 2020 | 344 | 341 | 99.1% | 240 | 92 | 9 |
| 2021 | 378 | 378 | 100% | 372 | 6 | 0 |
| 2022 | 335 | 335 | 100% | 333 | 2 | 0 |
| 2023 | 285 | 285 | 100% | 265 | 20 | 0 |
| 2024 | 377 | 377 | 100% | 360 | 17 | 0 |
| 2025 | 413 | 413 | 100% | 370 | 43 | 0 |

HIGHEST MARK IN INDIVIDUAL SUBJECT

| | |
|---|---|
| MATHEMATICS | 100 |
| PHYSICS | 100 |
| CHEMISTRY | 100 |
| BIOLOGY | 100 |
| ENGLISH | 93 |
| MIL | 99 |

NEET-UG-2024
OUR PROUD

New Campus Hidigaon, Chandipur Road, Balasore Infront of Satyasai Engg. College

Call : 06782 - 261140, 9437266065, 9437147709, 9437264995, 8249075590
CITY OFFICE : Nalamganj, Balasore, E-mail : nist923@gmail.com | Visit us at : nistresidentialcollege.in

# ସହ- ଅସ୍ତିତ୍ୱର ବିବିଧତା ହିଁ ଭାରତର ବିଶେଷତା

ଗୋପାଳ ମହାପାତ୍ର

ଅପାର ବୈଭବ, ଅବିଶ୍ୱସନୀୟ ଉପଲବ୍ଧି, ଯାହା ବିଶ୍ୱର ଅନ୍ୟ କେଉଁଠି ନାହିଁ ତାହା ଭାରତରେ ରହିଛି। ଯେଉଁ କାମ କେହି କରିପାରିବେ ନାହିଁ ସେହି କାମ ଭାରତୀୟ କରିପାରିବେ। ଏକଥା ମିଛନୁହେଁ, ଭାରତର ସମ୍ପର୍କରେ ଆସିଥିବା ବିଦେଶୀ ଦାର୍ଶନିକମାନେ ଏକଥା କହିଛନ୍ତି। ଭାରତର ଭୌଗୋଳିକ ସଂରଚନା ଏମିତି ଯେ ବିଶ୍ୱରେ ଯେଉଁଠି ବି ଯାହାକିଛି ହେଉଛି ତାହା ଭାରତରେ ମଧ ହୋଇପାରିବ। କାରଣ ଆଣ୍ଟାର୍କଟିକା ଠାରୁ ନେଇ ଭୂମଧ ରେଖା ପର୍ଯ୍ୟନ୍ତର ଜଳବାୟୁ ଏବଂ ଭୂ-ଭୌତିକୀ ଯାହା ଅନ୍ୟତ୍ର ରହିଛି ତାହା ଭାରତରେ ଅନେକ ସ୍ଥାନରେ ଦେଖିବାକୁ ମିଳେ। ବିଶାଳ, ସମୁଦ୍ରତଟ, ବିସ୍ତୃତ ଜଙ୍ଗଲ, ହିମାଚ୍ଛାଦିତ ପର୍ବତ-ଶୃଙ୍ଖଳା, ମରୁସ୍ଥଳ, ପଠା, ନଦୀ, ଜଳାଶୟ, ଯଦି ସବୁ କିଛି କେଉଁ ଦେଶରେ ରହିଛି ସେହି ଦେଶ ହେଉଛି ଭାରତ ଏବଂ ଏହାର କାରଣ ହେଉଛି ବିଶ୍ୱର ଅଧିକାଂଶ ଜୀବ ପ୍ରଜାତି ଭାରତରେ ଉପଲବ୍ଧ। ଏପରିକି ଯେଉଁ ପ୍ରଜାତି ନାହାଁନ୍ତି ସେମାନଙ୍କ ନିର୍ବାହ ଭାରତରେ ମଧ ସମ୍ଭବ। ପ୍ରକୃତି ଭାରତ ପ୍ରତି ଅତ୍ୟଧିକ ଦୟା ପ୍ରଦର୍ଶନ କରିଛି ଯାହାକୁ ଦେଖି ବିଶ୍ୱର ଅନେକ ଦେଶ ଇର୍ଷାନ୍ୱିତ। ସୁନା, ରୂପା, ତମ୍ବା, ଲୁହା, ଜିଙ୍କ, ହୀରା, ନୀଳା, ମୋତି ଯେଉଁସବୁକୁ ପ୍ରାଚୀନ କାଳରେ ମୂଲ୍ୟବାନ ବୋଲି କୁହାଯାଉଥିଲା ସେ ସବୁ ମଧ ଭାରତରେ ରହିଛି। ଅନେକ ବିଦେଶୀ ଦାର୍ଶନିକ ଐତିହାସିକ ଭାରତକୁ ନେଇ ହୃଦୟଗ୍ରାହୀ ଚିତ୍ରଣ କରିଛନ୍ତି। କିନ୍ତୁ ଆମ ଦେଶର ନେତୃତ୍ୱ ଏକଥା ବୁଝିପାରୁନାହାଁନ୍ତି। କେମିତି ବିଶ୍ୱର ସବୁ ମାନବ ପ୍ରଜାତିର ନମୁନା ଭାରତରେ ଏକତ୍ରିତ ହୋଇଛି ଏ କଥାକୁ ଯେତେ ବୁଝିବାକୁ ଉଦ୍ୟମ କଲେ ବି ବୁଝିହେଉ ନାହିଁ। ଭାରତୀୟ ସମାଜକୁ ବୁଝିବା ମଧ ସହଜ ନୁହେଁ। ଅସଂଖ୍ୟ ମାନବ ସମୁଦାୟର ଜିନ୍ ମଧ ପରିସ୍ଥିତି ଅନୁସାରେ ଏଠାକୁ ଆସିଛି ଓ ଏଠାରେ କାୟା ବିସ୍ତାର କରିଛି। କିଛି ମଧ ଅନ୍ୟ ଆଡକୁ ଚାଲିଯାଇଛନ୍ତି। ଏତେ ସମୁଦାୟ ରହିଥିବା କାରଣରୁ ପ୍ରାକ୍ କାଳରୁ ଭାରତ ମଧ ଅଧିକ ଜନସଂଖ୍ୟା ବିଶିଷ୍ଟ କ୍ଷେତ୍ର ଭାବେ ପରିଚିତ। ଯେଉଁମାନେ ଏଠାକୁ ଆସିଛନ୍ତି ସେମାନେ ନିଜର କୌଶଳ ଏବଂ ଜୀବିକା ସାଧନକୁ ସାଥିରେ ଆସିଛନ୍ତି। ପରସ୍ପର ଭିନ୍ନତା ସତ୍ତ୍ୱେ କୌଶଳର ଆଦାନ ପ୍ରଦାନ ହେଉଥିଲା ଏବଂ ପରସ୍ପର ମଧରେ ଭାଷା, ସଂସ୍କୃତି ଏବଂ ଖାଦ୍ୟ ପାନୀୟକୁ ନେଇ ବିବାଦ ନଥିଲା। କିନ୍ତୁ ନିଜର ପରିଚୟକୁ ଜାହିର କରିବାର ଚିନ୍ତା ଥିଲେ ମଧ କେହି କାହାର ବ୍ୟକ୍ତିଗତ ମାମଲାରେ ହସ୍ତକ୍ଷେପ କରୁନଥିଲେ।

ଆର୍ଥୀକ ଏବଂ ସାମାଜିକ ଗତିବିଧି କାରଣରୁ ବୃହତର ସାମାଜିକ ସଂରଚନାର ନିର୍ମାଣ କ୍ରମରେ ବଡ଼ ଭୂଭାଗରେ ପାରସ୍ପରିକ ବିଲୟ ପରେ ମଧ ସମସ୍ତଙ୍କୁ ନିଜ ନିଜର ରୀତିନୀତି ପାଇଁ ସ୍ୱାଧିନତା ମିଳିଥିଲା। ଏହି କାରଣରୁ ପୁରୁଣା ପରିଚୟ ହଜି ଯାଉଥିଲେ ବି ସମସ୍ତେ ମିଳିମିଶି ରହୁଥିଲେ ଓ ପରସ୍ପର ବିରୋଧି ମୂଲ୍ୟ ଏବଂ ମାନ୍ୟତାକୁ ମଧ ସ୍ୱୀକାର କରିନେଇଥିଲେ। ବିବାହ ଠାରୁ ଆରମ୍ଭ କରି ଅନ୍ତ୍ୟେଷ୍ଟିର ଅନେକ ରପ ଶାସ୍ତ୍ରୀୟ ଏବଂ ସାମାଜିକ ସ୍ୱୀକୃତି କାରଣରୁ ପ୍ରଚଳିତ ରହିଛି। ଏ୍ କଥା ଭିନ୍ନ ଯେ ସମୁଦାୟ ମାନେ ସେମାନଙ୍କ ସଂସ୍କୃତି ଓ ସାମାଜିକ ଚଳଣିକୁ ଅନ୍ୟମାନଙ୍କ ଠାରୁ ଅଧିକ ଭଲ ବୋଲି କହିଥାନ୍ତି। ବିବାହର ଆଠ ରୀତି ବାବଦରେ ଶାସ୍ତ୍ରୀୟ ବିଧାନ ରହିଛି ପରନ୍ତୁ ଅନ୍ତ୍ୟେଷ୍ଟି ବାବଦରେ ସାହିତ୍ୟ ଏବଂ ଲୋକ ଚଳଣି ହିଁ ଆମର ମାର୍ଗଦର୍ଶକ ଅଟେ। ଜଳପ୍ରବାହ, ଅଗ୍ନିଦାହ, ଅର୍ଘଦାହ, ସମାଧି ଭଳି ପ୍ରଥା ରହିଛି। କେତେକ ପ୍ରଥା ବର୍ତ୍ତମାନ ବି ଚାଲିଛି। ଅନେକ ପ୍ରଥା ସମ୍ପର୍କରେ ଲିଖିତ ତଥ୍ୟ ନାହିଁ କିନ୍ତୁ ସେସବୁ ଚାଲିଛି। ଏସବୁ ପରେ ସବୁଠାରୁ ମହତ୍ୱପୂର୍ଣ୍ଣ ବିକାଶ ଏହି ମହାସଙ୍ଗମ କାରଣରୁ ସମ୍ଭବ ହୋଇ ପାରିଥିଲା ତାହା ହେଉଛି ଜୀବିକାର କୃତ୍ରିମ ଉପାୟ। ପ୍ରଥମେ କୃଷି ତା ପରେ ବିଭିନ୍ନ ବାଗ୍‌ବଗିଚା ଏବଂ ପଶୁପାଳନ ଜୀବିକାର୍ଜନର ପ୍ରମୁଖ ବ୍ୟବସ୍ଥା ଥିଲା। ପରବର୍ତ୍ତୀ ସମୟରେ ଏଥିରେ ଢ଼େର ବିକାଶ ଘଟିଛି।

ହିଂସ୍ର, ବିଷାକ୍ତ ଏବଂ ବିଶାଳ ଜୀବ ଯେଉଁମାନଙ୍କୁ ପ୍ରଶିକ୍ଷଣ ଦେବା କଷ୍ଟକର ଏବଂ ପାଳନ ଅନୁପଯୋଗୀ ସେମାନଙ୍କୁ ଛାଡି ଅନ୍ୟ ସମସ୍ତ ଜୀବଙ୍କୁ ପାଳନ କରାଗଲା। କେତେକ ଜୀବଙ୍କୁ ମନୋରଞ୍ଜନର ସାଧନ ଭାବେ ବ୍ୟବହାର କରାଗଲା। ଏଥିରେ ଭାରତୀୟ ବିଚିତ୍ରତାର ଏକ ନୂଆ ପକ୍ଷ ଯୋଡିହୋଇ ଯାଇଥିଲା। ଯାହା ଅବିଶ୍ୱସନୀୟ ଥିଲା। ଏହା ଭାରତର ପରିଚୟ ସହ ମଧ ଯୋଡି ହୋଇଯାଇଥିଲା, ଭାରତରେ କେଳା (ସାପ ଖେଳାଉଥିବା ଲୋକେ) ଏବଂ ମାଙ୍କଡକୁ ନଚାଇ ଜୀବିକାର୍ଜନ କରୁଥିବା ଲୋକଙ୍କ ସଂଖ୍ୟା ମଧ କମ୍ ନୁହେଁ। ଦୁନିଆର ସବୁଠାରୁ ବଡ଼ ଆଶ୍ଚର୍ଯ୍ୟ ହେଉଛି ବିଶ୍ୱ ସମୁଦାୟ ଭାରତକୁ ଭୂଭାଗର ସ୍ୱର୍ଗ- ହିନ୍ଦୁସ୍ଥାନ ଭାବିବାକୁ ଲାଗିଛି। ଯେଉଁମାନେ ଅନ୍ୟ ଭୂଭାଗରୁ ଏଠାକୁ ଆସିଥିଲେ ଓ ବସବାସ କଲେ ସେମାନେ ଏଠାକାର ସମୁଦାୟଙ୍କ ସହ ମିଶି ଏହାକୁ ସ୍ୱର୍ଗଠାରୁ ଶ୍ରେଷ୍ଠ ସ୍ୱର୍ଗାଦପି ଗରୀୟସୀ ମାନୁଥିଲେ ଓ ପାରସ୍ପର ମଧରେ ସୌହାର୍ଦ୍ଦ୍ୟ ପୂର୍ଣ୍ଣ ବାତାବରଣ ସୃଷ୍ଟି କରି ରହିଲେ। ବିବିଧତା ମଧରେ ଏକତା ଥିଲା ଭାରତର ସୌନ୍ଦର୍ଯ୍ୟ ଯାହା ଏବେବି ରହିଛି।

ହଜାର ବର୍ଷ ପୁବର୍ର ଦୁନିଆ କଥା ଯଦି କହିବା ତେବେ ଭାରତ ବାହାର ଜଗତ ପାଇଁ ଏକ ଆଶ୍ଚର୍ଯ୍ୟଲୋକ ବା ଭୂଭାଗ ଥିଲା। ପ୍ରକୃତି ଏହି ଭାରତ ଭୂଭାଗକୁ ଅନେକ କିଛି ଦେଇଛି ଯାହା ଅନ୍ୟ ଭୂଭାଗରେ ନାହିଁ। ଅନେକ ପ୍ରଜାତିର ଜୀବଜନ୍ତୁ, ସରୀସୃପ, କସ୍ତୁରୀମୃଗଠାରୁ ନୀଳଗାଇ ଏବଂ ହରିଣର ବିଭିନ୍ନ ପ୍ରଜାତି ଭାରତରେ ଅଛନ୍ତି। ଜଙ୍ଗଲରେ ଅନେକ ପ୍ରକାର ଫଳ, ମୂଳ ରହିଛି। ଅନେକ ପ୍ରକାରର ବନସ୍ପତି ମଧ ରହିଛି। ଏହା ହେଉଛି ବିବିଧତା ଯାହା ବିଶ୍ୱର ଅନ୍ୟ କୌଣସି ଠାରେ ଦେଖିବାକୁ ମିଳେନାହିଁ। ଏଠି ସହ ଅସ୍ତିତ୍ୱର ବିବିଧତା ରହିଛି ଯାହା ଏକ ପ୍ରମୁଖ ବିଶେଷତା।

+ରାମଚନ୍ଦ୍ରପୁର, ରଣପୁର
ମୋ:୯୪୩୮୪୮୫୦୯୪

## ସମ୍ପର୍କର ରଙ୍ଗ

# ନାସ୍ତିକର କର୍ମଫଳ



ଶ୍ୱେତା ରାଉତ୍

ଗୋଟେ ଗାଁରେ ଦୁନିଆର ସମସ୍ତ ଧର୍ମର ଲୋକମାନେ ମିଶିକି ରହୁଥିଲେ। ଧାର୍ମିକ ଲୋକମାନେ ସକାଳରୁ ସନ୍ଧ୍ୟା ପର୍ଯ୍ୟନ୍ତ ପୂଜାରେ ବ୍ୟସ୍ତ ରହୁଥିଲେ। ଧାର୍ମିକ ବ୍ୟକ୍ତିଙ୍କ 'କର୍ମ'ତାଲିକାରେ କେବଳ କିଛି କାର୍ଯ୍ୟ ଥିଲା, କିନ୍ତୁ ସେମାନଙ୍କର 'କରୁନଥିବା' ତାଲିକା ବହୁତ ଲମ୍ବା ଥିଲା। ସେମାନେ ଆମିଷ ଖାଉନଥିଲେ, ମଦ୍ୟପାନ କରୁନଥିଲେ, ସିଗାରେଟ୍ ଟାଣୁ ନଥିଲେ କି ବ୍ୟଭିଚାର କରୁନଥିଲେ। ସେମାନଙ୍କ ମଧରେ ଜଣେ ନାସ୍ତିକ ବାସ କରୁଥିଲା। ତା କର୍ମ ତାଲିକାରେ କୌଣସି ଆପତ୍ତି ନଥିଲା, ମଦ୍ୟପାନ ଠାରୁ ଆରମ୍ଭ କରି ନାରୀ ପ୍ରତି ବ୍ୟଭିଚାର ପର୍ଯ୍ୟନ୍ତ। ସେଥିପାଇଁ ନାସ୍ତିକ ଲୋକଟି ଜୀବନକୁ ଉପଭୋଗ କରୁଥିଲା ଏବଂ ଗାଁର ଝିଅମାନେ ଏଭଳି ଏକ ଖୁସି ମନୋଭାବ ମଣିଷର ଛଦ୍ମ ଭଲପାଇବାକୁ ବିଶ୍ୱାସ କରି ଖୁସି ହେଉଥିଲେ। ଧାର୍ମିକ ଲୋକମାନେ ସ୍ୱର୍ଗ କିମ୍ବା ନର୍କର ଭୟରେ ତା ପରି ହେବାକୁ ସାହସ କରି ପାରୁନଥିଲେ, ଇଚ୍ଛା କଲେ ବି ନାସ୍ତିକ ଲୋକ ସହିତ ବସି ଜୀବନର ମଜା ନେଇ ପାରୁନଥିଲେ କିନ୍ତୁ ତାକୁ ଦେଖି ବିରକ୍ତ ହେଉଥିଲେ। ସେଥିପାଇଁ କିଏ ତାକୁ ନର୍କରେ ପଡ଼ି ଜିଅନ୍ତା ଜଳିବ କହୁଥିଲେ ତ କିଏ ଗରମ ତେଲରେ ପୋଡ଼ି ହୋଇ ମରିବ ବୋଲି କହୁଥିଲେ, କିଏ ଆର ଜନ୍ମରେ ପଶୁ ହେବ ବୋଲି କାମନା କରୁଥିଲେ ତ ଆର ଜନ୍ମରେ ନାରୀ ମୁହଁ ବି ଦେଖିବାକୁ ପାଇବନି କହି ନିନ୍ଦା କରୁଥିଲେ। ହଠାତ ଏକ ଅଗ୍ନିକାଣ୍ଡ ହେଲା, ସମସ୍ତ ଲୋକ ମରିଗଲେ। ସ୍ୱାଭାବିକ ଭାବେ ସବୁ ଧର୍ମର ଯମଦୂତମାନେ ଲୋକଙ୍କ ଧର୍ମ, କର୍ମ ଅନୁସାରେ ହିସାବ ଦେବାକୁ ଆସିଥିଲେ। ଧାର୍ମିକ ବା ଅନ୍ୟର ଉପକାର, ସେବା, ସମର୍ପଣ ପାଇଁ ଉତ୍ସର୍ଗୀକୃତ ଲୋକଙ୍କୁ ସ୍ୱର୍ଗକୁ, କାହାକୁ ପର ସ୍ତ୍ରୀ ଉପରେ ନଜର ରଖିବା ପାଇଁ, କାହାକୁ ଅହଙ୍କାର ପାଇଁ ତ କାହାକୁ ଲୋକମାନଙ୍କ ପ୍ରତି ଦୁର୍ବ୍ୟବହାର ପାଇଁ ନର୍କକୁ ପଠାଇ ଦିଆଗଲା। ଯେତେବେଳେ ନାସ୍ତିକର ସମୟ ଆସିଲା ଚିତ୍ରଗୁପ୍ତ ବିଚଳିତ ହୋଇଗଲେ, ନାସ୍ତିକ କେବେ କେଉଁ ମନ୍ଦିର, ଧର୍ମାନୁଷ୍ଠାନ, ମସଜିଦ, ଚର୍ଚ୍ଚ, ଗୁରୁଦ୍ୱାରରେ ପାଦ ରଖିନାହିଁ, ତେଣୁ କୌଣସି ଧର୍ମର ଦୂତଙ୍କ ଖାତାରେ ନାସ୍ତିକର କିଛି ହିସାବ ନାହିଁ।ସମସ୍ୟାର କଥା ଏବେ ନାସ୍ତିକ ପାଇଁ କଣ କରାଯାଇ ପାରିବ! କୌଣସି ଧର୍ମ ଦୂତ ନାସ୍ତିକ ପାଇଁ ନିଜ ନର୍କକୁ ବି ନେବା ଚାହୁଁନଥିଲେ। ତାକୁ ମଜା ନେବା ପାଇଁ ପୁଣି ବଞ୍ଚାଇ ଦିଆଗଲା। ସେବେଠୁ ନାସ୍ତିକ ବ୍ୟକ୍ତି ଆଜିଯାଏ ଜୀବନର ମଜାନେବାରେ ରହିଥାଏ ଓ କର୍ମାନୁସାରେ ଦୁଃଖ, କ୍ଲେଶ, ହତାସ ଭୋଗକରେ। ତାର ପୁନର୍ଜନ୍ମ ହୁଏନାହିଁ।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ୍,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

# କୋଲେଷ୍ଟରଲ କମ କରାଏ କାଜୁ

**କାଜୁ ଖାଇବା ଲାଗି ସ୍ୱାଦିଷ୍ଟ ହୋଇଥିବା ବେଳେ ସ୍ୱାସ୍ଥ୍ୟ ପାଇଁ ମଧ ହିତକର। ଏଥିରେ ଭିଟାମିନ ଓ ପ୍ରୋଟିନ୍‌ର ମାତ୍ରା ଅଧିକ ରହିଥାଏ। ଏହାକୁ ଖାଇବା ଲାଭଜନକ ହେବା ସହ ଅନେକ ରୋଗକୁ ମୁକ୍ତି ଦେଇଥାଏ ଜାଣନ୍ତୁ ସେ ସମ୍ପର୍କରେ...**



କାଜୁ ହାଡ଼ ଶକ୍ତ କରିବା ସହ ହାର୍ଟ ରୋଗରୁ ମୁକ୍ତି ଦେଇଥାଏ।
ଏହା କୋଲେଷ୍ଟରଲ ପରିମାଣ କମ କରିଥାଏ। ଏହା ଶରୀରରେ ଆଇରନ ପରିମାଣ ବଢ଼ାଇଥାଏ।
ଏହା ଖାଇବା ଫଳରେ ପାଚନତନ୍ତ୍ର ମଜଭୁତ ହୋଇଥାଏ।
ତ୍ୱଚା ଉଜ୍ଜ୍ୱଳ ଦେଖାଯାଇଥାଏ।
ମସ୍ତିଷ୍କ ରୋଗରୁ ମୁକ୍ତି ଦେବା ସହ ରକ୍ତଚାପ ନିୟନ୍ତ୍ରଣ କରିଥାଏ।

# ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ କଖାରୁ ଫୁଲ



କଖାରୁ ଫୁଲରେ ଭିଟାମିନ୍ ବି-୯ ଅଧିକ ଥିବାରୁ ଏହା ଆମ ଶରୀର ପାଇଁ ବେଶ୍ ଉପଯୋଗୀ। ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ। କଖାରୁ ଫୁଲରେ ଭିଟାମିନ୍ 'ସି' ରହିଛି, ଯାହା ମଧ ଶରୀର ପାଇଁ ଉପକାରୀ। ଏଥିରେ ଥିବା ଭିଟାମିନ୍ 'ଏ' ଦୃଷ୍ଟି ଶକ୍ତି ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ବେଳେବେଳେ ଆଲୋକର ରଙ୍ଗ ପରିବର୍ତ୍ତନ ହେବା ଦ୍ୱାରା, ଏହା ଆମ ଆଖି ଉପରେ ଗଭୀର ପ୍ରଭାବ ପକାଏ। ମାତ୍ର କଖାରୁ ଫୁଲ ଖାଇବା ଦ୍ୱାରା ଏହା କିଛି ମାତ୍ରାରେ ଆମକୁ ରକ୍ଷା ଦେଇଥାଏ ଓ ଆଖିକୁ ପରିଷ୍କାର ଦେଖାଯାଇଥାଏ। ଏହା ଅନ୍ଧାରକଣା ସମସ୍ୟାରୁ ମଧ କେତେକାଂଶରେ ରକ୍ଷା କରିଥାଏ। ବେଳେବେଳେ ଆମେ ଅନେକ ରୋଗର ଶିକାର ହୋଇଥାଉ। ବାହାର ଜୀବାଣୁ ଆମ ଶରୀରରେ ପ୍ରବେଶ କରି ବିଭିନ୍ନ ରୋଗ ସୃଷ୍ଟି କରନ୍ତି। ଆଉ ଏହି ଜୀବାଣୁଗୁଡ଼ିକୁ ପ୍ରତିହତ କରିବାର କ୍ଷମତା କଖାରୁ ଫୁଲରେ ରହିଛି ବୋଲି ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ଏହା ଶରୀରରେ ଶୁଦ୍ଧ ଅମ୍ଳଜାନ ମଧ ତିଆରି କରିଥାଏ। କଖାରୁ ଫୁଲରେ କ୍ୟାଲସିୟମ୍ ଓ ଫସ୍‌ଫରସ୍ ପ୍ରଚୁର ପରିମାଣରେ ଥାଏ, ଯାହା ଅସ୍ଥି ଓ ଦାନ୍ତକୁ ମଜଭୁତ ରଖିବାରେ ସାହାଯ୍ୟ କରେ।

# ମାର୍କେଟ୍‌ରେ ଫ୍ରୁଟ୍‌ଜୁସ୍ ପିଉଛନ୍ତି କି ? ହୋଇଯାଆନ୍ତୁ ସାବଧାନ

**ବାହାରକୁ ବୁଲିଯିବା ବେଳେ ବିଶେଷକରି ଖରାଦିନେ ଅନେକେ ଥଣ୍ଡା ପାନୀୟ ପିଇବାକୁ ଭଲ ପାଆନ୍ତି, ଯେଉଁଥିରେ ଥଣ୍ଡା ଥଣ୍ଡା ଫ୍ରୁଟ୍‌ଜୁସ୍‌ର ଡିମାଣ୍ଡ ସର୍ବାଧିକ। ହେଲେ ରାସ୍ତା କଡ଼ରେ ଅସ୍ଥାୟୀ ଭାବେ ଖୋଲିଥିବା ସମସ୍ତ ସିଜନାଲ୍ ଷ୍ଟଲ୍‌ରୁ ଜୁସ୍ ପିଇବା ସ୍ୱାସ୍ଥ୍ୟ ପକ୍ଷେ ହିତକର ହୋଇ ନ ପାରେ। ତେଣୁ ବାହାରକୁ ଯାଉଥିଲେ ବିଶେଷକରି ପିଲାଙ୍କୁ ସାଙ୍ଗରେ ନେଉଥିଲେ ବାହାରେ ଜୁସ୍ ପିଇବା ପୂର୍ବରୁ କେତେକ ଦିଗ ପ୍ରତି ଧ୍ୟାନଦେବା ଆବଶ୍ୟକ...**




– ବାହାରେ ଜୁସ୍ ପିଉଥିଲେ ପ୍ରଥମେ ଉକ୍ତ ଦୋକାନର ଫୁଡ୍ ଲାଇସେନ୍ସ ଅଛି ନା ନାହିଁ ଦେଖନ୍ତୁ। ସେଠାରେ ବ୍ୟବହୃତ ପାଣି ପରିଷ୍କାର କି ନାହିଁ ଏବଂ ଫଳ ତାଜା କି ନାହିଁ ଦେଖିବାକୁ ଆଦୌ ଭୁଲନ୍ତୁ ନାହିଁ। କାରଣ ହାଇଦ୍ରାବାଦରେ ଥିବା ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ନ୍ୟୁଟ୍ରିଶନ୍ ପକ୍ଷରୁ ହୋଇଥିବା ଏକ ରିସର୍ଚ୍ଚ ରିପୋର୍ଟ ମୁତାବକ ରାସ୍ତାକଡ଼ରେ ଖରାଦିନେ ଅସ୍ଥାୟୀ ଭାବେ ହୋଇଥିବା ଅଧିକାଂଶ ଫ୍ରୁଟ୍‌ଜୁସ୍ ଦୋକାନରେ ମିଳୁଥିବା ଜୁସ୍ ସ୍ୱାସ୍ଥ୍ୟ ପ୍ରତି ହିତକର ନୁହେଁ। ସେଠାରେ ବ୍ୟବହୃତ ଅପରିଷ୍କାର ପାଣି ଦ୍ୱାରା ଶରୀରକୁ ବିଭିନ୍ନ ରୋଗ ଜୀବାଣୁ ଯାଇ ଝାଡ଼ା, ବାନ୍ତି ଭଳି ଅନେକ ରୋଗର କାରଣ ସାଜିଥାଏ।

– ଏ ଦିନେ ଫ୍ରୁଟ୍‌ଜୁସ୍ ଷ୍ଟଲ୍ ମଧରୁ ଅନେକେ ଅଧିକ ଟଙ୍କା ପାଇବା ଲୋଭରେ ଅଳ୍ପ ଟଙ୍କାରେ ପଚା କିମ୍ବା ବେଶି ଦିନ ରହିଯାଇଥିବା ଫଳ କିଣି ଆଣି ଗ୍ରାହକଙ୍କୁ ଜୁସ୍ କରିଦିଅନ୍ତି। ହେଲେ ଏହାକୁ ପିଇବା ଦ୍ୱାରା ପେଟ ଖରାପ ହେବା ସହ ଅନ୍ୟାନ୍ୟ ରୋଗ ଦେଖାଦେବା ଆଶଙ୍କା ରହିଛି।

– ଜୁସ୍ ପାଇଁ ବ୍ୟବହୃତ ପାଣି କିମ୍ବା ବରଫ ଅପରିଷ୍କାର ହୋଇଥିଲେ ସେଥିରେ ଥିବା ବ୍ୟାକ୍ଟେରିଆ କଲେରା, ଟାଇଫଏଡ୍, ଜଣ୍ଡିସ୍ ଭଳି ଜଳଜନିତ ରୋଗର କାରଣ ସାଜିପାରେ।

– ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଦୋକାନୀ ଜୁସ୍‌ରେ ସାକାରିନ୍ ଭଳି କେତେକ ଆର୍ଟିଫିସିଆଲ୍ ସୁଗାର ବ୍ୟବହାର କରୁଥିଲେ ଏହାକୁ ପିଇବା ଦ୍ୱାରା ମେଦବହୁଳତା, ବ୍ରେନ୍ ଟ୍ୟୁମର, ବ୍ଲାଡର କ୍ୟାନ୍‌ସର ଭଳି ଅନେକ ସମସ୍ୟା ଉପୁଜିପାରେ। ତେଣୁ ଏଥିପ୍ରତି ଧ୍ୟାନଦେବା ନିହାତି ଆବଶ୍ୟକ।

# ସୁନାଠାରୁ ବି ଅଧିକ ମୂଲ୍ୟବାନ ଏହି ପରିବା





ହପ ସୁଟ ହେଉଛି ହପ ଗଛ (ହୁମୁଲସ ଲୁପୁଲସ) ଖାଦ୍ୟ ଉପଯୋଗୀ ଏବଂ ଔଷଧୀୟ ପ୍ରୟୋଗରେ ଏକ ମୂଲ୍ୟବାନ ଉପାଦାନ। ହପ ସୁଟ ଏହାର ସ୍ୱତନ୍ତ୍ର ସ୍ୱାଦ ଏବଂ ଉଚ୍ଚ ବଜାର ମୂଲ୍ୟ ପାଇଁ ଜଣାଶୁଣା, ଯାହା ଏହାକୁ ବିଶ୍ୱର ସବୁଠାରୁ ମହଙ୍ଗା ପନିପରିବା ମଧରୁ ଗୋଟିଏ କରିଥାଏ।

ହପ ସୁଗନ୍ଧକୁ ସ୍ୱାଦିଷ୍ଟ ଖାଦ୍ୟରେ ବ୍ୟବହାର କରାଯାଏ, ବିଶେଷକରି ୟୁରୋପୀୟ ଖାଦ୍ୟରେ, ଏବଂ ପ୍ରାୟତଃ ଆସପାରାଗସ ସହିତ ସମାନ ଭାବରେ ରନ୍ଧାଯାଏ।

ଔଷଧୀୟ ଗୁଣ: ଉତ୍କଣ୍ଠା, ଅସ୍ଥିରତା ଏବଂ ଅନିଦ୍ରା ଚିକିତ୍ସା ସମେତ ବିଭିନ୍ନ ଉଦ୍ଦେଶ୍ୟରେ ପାରମ୍ପରିକ ଔଷଧରେ ହପ ସୁଗନ୍ଧ ବ୍ୟବହାର କରାଯାଇଛି।

ଉଚ୍ଚ ମୂଲ୍ୟ: ଆନ୍ତର୍ଜାତୀୟ ବଜାରରେ ଏକ କିଲୋଗ୍ରାମ ହପ ସୁଗନ୍ଧ ଉଚ୍ଚ ମୂଲ୍ୟ ପାଇପାରେ, କେତେକ ସମୟରେ ୧,୦୦୦ GBP (ପ୍ରାୟ ୮୫,୦୦ ରୁ ୧ ଲକ୍ଷ ଟଙ୍କା) ପର୍ଯ୍ୟନ୍ତ ପହଞ୍ଚିପାରେ।

ଚାଷ: ହପ ସୁଗନ୍ଧ ଅନୁକୂଳ ସମଶୀତୋଷ୍ଣ ଜଳବାୟୁ ଅଞ୍ଚଳରେ ଚାଷ କରାଯାଏ, ଯେପରିକି ଭାରତରେ ହିମାଚଳ ପ୍ରଦେଶ ଏବଂ ଉତ୍ତର ପ୍ରଦେଶ।

ପ୍ରସ୍ତୁତି: ହପ ଡାଳଗୁଡ଼ିକୁ ଧୋଇ କିମ୍ବା ଲୁଣ ପାଣିରେ ବୁଡ଼ାଇ ରଖାଯାଇ ପାରିବ ଯାହା ଦ୍ୱାରା ଏହାର ପିତା ଅଂଶ ଦୂର ହୋଇପାରିବ।

ସଂରକ୍ଷଣ: ଏଗୁଡ଼ିକ ଶୀଘ୍ର ନଷ୍ଟ ହୋଇଯାଏ ଏବଂ ଏହାର ମିଠା, କୁରକୁରେ ସ୍ୱାଦକୁ ବଜାୟ ରଖିବା ପାଇଁ ଶୀତଳ ଭଣ୍ଡାରରେ ସଂରକ୍ଷଣ କରିବା ଆବଶ୍ୟକ।



# ଉଚ୍ଚ ରକ୍ତଚାପ ସମସ୍ୟାରେ ପୀଡ଼ିତ କି ? ଏଭଳି ଉପାୟରେ ମେଥି ସେବନ କରି...

ଆଜିର ସମୟରେ ଅନିୟମିତ ଦିନଚର୍ଯ୍ୟା ବିଭିନ୍ନ ପ୍ରକାର ରୋଗର କାରଣ ପାଲଟୁଛି। ସେଥିରୁ ଗୋଟିଏ ହେଲା ଉଚ୍ଚ ରକ୍ତଚାପ। ସାଧାରଣତଃ ମୋଟାପଣ ଏବଂ ଜୀବନଶୈଳୀରେ ପରିବର୍ତ୍ତନ ଯୋଗୁ ଏଭଳି ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଥାଏ। ଏହାର କୌଣସି ଲକ୍ଷଣ ଦେଖାଯାଉ ନ ଥିବା ଯୋଗୁ ଏହାକୁ 'ସାଇଲେଣ୍ଟ କିଲର' ବୋଲି କୁହାଯାଇଥାଏ।

ପ୍ରତି ମନୁଷ୍ୟର ରକ୍ତ ଚାପ ୧୨୦/୮୦ ରହିବା ଉଚିତ। ହେଲେ ଦୀର୍ଘ ସମୟ ଧରି ଏଥିରୁ ଅଧିକ ରହିଲେ ହୃଦ୍‌ଘାତ ହେବାର ସମ୍ଭାବନା ଥାଏ। ଏଥିରୁ ରକ୍ଷା ପାଇବା ଲାଗି ଦିନଚର୍ଯ୍ୟା ଏବଂ ଖାଦ୍ୟପେୟ ଉପରେ ଧ୍ୟାନ ରଖିବା ଉଚିତ। ଖାଦ୍ୟ କଥା ଉଠିଲେ ରକ୍ତଚାପ ନିୟନ୍ତ୍ରଣ ଲାଗି ମେଥି ବେଶ ଭଲ। ଆସନ୍ତୁ ଏ ବିଷୟରେ ସବିଶେଷ ଜାଣିବା:

ମୋଟାପଣ କମ୍ କରେ: ପ୍ରତ୍ୟେହ ୫୦୦ ମିଲିଗ୍ରାମ ମେଥି ସେବନ କରିବା ଦ୍ୱାରା ଶରୀରର ଚର୍ବି ଅଂଶ କମ୍ ହୋଇଥାଏ। କାରଣ ମେଥିରେ ପ୍ରଚୁର ଫାଇବର ଥାଏ। ଏହା ଭୋକ ହେବାକୁ ଦେଇ ନ ଥାଏ। ଫଳରେ ଲୋକମାନେ ଅଧିକ ଖାଇବାରୁ ନିବୃତ୍ତ ରୁହନ୍ତି। ଏହାଛଡ଼ା ମେଥିର ଚା' ପିଉଥିବା ବ୍ୟକ୍ତିଙ୍କୁ ଅନ୍ୟମାନଙ୍କ ଅପେକ୍ଷା କମ୍ ଭୋକ ଲାଗିଥାଏ ବୋଲି ଏକ ଗବେଷଣାରୁ ଜଣାଯାଇଛି।





ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଗୁରୁବାର ୨୩ ମଇ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 23 MAY 2025
Vol.No. 36 ■ No.135 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି
ବିଷୁବ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net


# ରାଜସ୍ଥାନରୁ ପାକିସ୍ତାନକୁ ପ୍ରଧାନମନ୍ତ୍ରୀଙ୍କ ନିଶାନା

## ବିଶ୍ୱ ଦେଖିଲା ୨୨ର ଜବାବ ୨୨ ମିନିଟ୍‌ରେ ଦେଲୁ



ନୂଆଦିଲ୍ଲୀ, ୨୨/୫ : ଅପରେସନ ସିନ୍ଦୂର ପରେ ପ୍ରଧାନମନ୍ତ୍ରୀ ମୋଦି ଆଜି ପ୍ରଥମ ଥର ରାଜସ୍ଥାନ ଗସ୍ତ କରିଛନ୍ତି । ରାଜସ୍ଥାନ ବିକାନେରରୁ ପାକିସ୍ତାନକୁ ଟାର୍ଗେଟ୍ କରି ପ୍ରଧାନମନ୍ତ୍ରୀ କହିଛନ୍ତି, 'ଏପ୍ରିଲ ୨୨ର ଜବାବ ମାତ୍ର ୨୨ ମିନିଟ୍‌ରେ ଦେଲୁ । ସିନ୍ଦୂର ଯେତେବେଳେ ବାରୁଦ ହୁଏ ପରିଣାମ କ'ଣ ହୁଏ ବିଶ୍ୱ ଦେଖିଲା । ୯ଟି ଆତଙ୍କୀ ଆଡ୍ଡାକୁ ଆମେ ସେନା ମାଟିରେ ମିଶାଇ ଦେଲା । ଯେଉଁମାନେ ସିନ୍ଦୂର ଲିଭାଇବାକୁ ଆସିଥିଲେ, ସେମାନେ ମାଟିରେ ମିଶିଲେ । ୩ ସେନାର ଚକ୍ରବ୍ୟୂହରେ ଫସିଲେ,ବାହାରି ପାରିଲେନି । ଯେଉଁ ଅସ୍ତ୍ରକୁ ନେଇ ପାକିସ୍ତାନ ଗର୍ବ କରୁଥିଲା, ତାହା କାମ ଦେଲାନି ।'' ମୋଦି ଆହୁରି କହିଛନ୍ତି ଯେ, ଇଏ ହେଉଛି ନୂଆ ଭାରତ, ଏହା ହେଉଛି ଆମର ଶକ୍ତି । ଅପରେସନ ସିନ୍ଦୂର ଆମକୁ ୩ଟି ସୂତ୍ର ଦେଖାଇଛି । ଆତଙ୍କୀ ହମ୍‌ଲା ହେଲେ କଡ଼ା ଜବାବ ଦିଆଯିବ । ସେନାବାହିନୀ କଣ କରାଯିବ ତାହାର ନିଷ୍ପତ୍ତି ନେବ । ପରମାଣୁ ବୋମାର ବ୍ଲାକମେଲିଂକୁ ଖାତିର କରିବୁ ନାହିଁ । ଆତଙ୍କବାଦୀ କାର୍ଯ୍ୟ ଓ ଏହାର ସମର୍ଥକଙ୍କୁ ଅଲଗା ଦେଖିବୁ ନାହିଁ । ଆଗକୁ ଆତଙ୍କୀ କାର୍ଯ୍ୟ ପାକିସ୍ତାନ ଆହୁରି ଅଧିକ ମୂଲ୍ୟ ଦେବାକୁ ପଡ଼ିବ । ପ୍ରଧାନମନ୍ତ୍ରୀ ବିକାନେରରେ ପହଞ୍ଚିବା ପରେ କରନୀ ମାତା ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରି ମା'ଙ୍କ ଆଶୀର୍ବାଦ ନେଇଥିଲେ । ଏହାପରେ ଦେଶନୋକ ରେଳ ଷ୍ଟେସନର ଉଦଘାଟନ କରିଥିଲେ । ପ୍ରଧାନମନ୍ତ୍ରୀ ସବୁଜ ପତାକା ଦେଖାଇବା ପରେ ବିକାନେର-ମୁମ୍ବାଇ ଏକ୍ସପ୍ରେସ ଟ୍ରେନ ଗଡ଼ିଛି । ଆଜି ରାଜସ୍ଥାନକୁ ଆଜି ଅନେକ ପ୍ରକଳ୍ପ ଭେଟି ଦେବେ ପ୍ରଧାନମନ୍ତ୍ରୀ । ଏହାସହ ନାଲ ଏୟାରବେସରେ ଯବାନମାନଙ୍କୁ ଭେଟିବାର ମଧ୍ୟ କାର୍ଯ୍ୟକ୍ରମ ରହିଛି । ଏହା ପାକିସ୍ତାନ ସୀମାବର୍ତ୍ତୀ ଅଞ୍ଚଳ ହୋଇଥିବାରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି । ଆଜି ଅମୃତ ଭାରତ ଯୋଜନା ଅଧୀନରେ ଦେଶର ବିଭିନ୍ନ ସ୍ଥାନରେ ୧୦୩ଟି ରେଳ ଷ୍ଟେସନର ଲୋକାର୍ପଣ କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦି । ବିଭିନ୍ନ ଜାତୀୟ ରାଜପଥ ପ୍ରକଳ୍ପ ଏବଂ ବିକାନେର ଓ ଉଦୟପୁରରେ ଶକ୍ତି ପ୍ରକଳ୍ପକୁ ବି ପ୍ରଧାନମନ୍ତ୍ରୀ ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି ।

## ବାଂଲାଦେଶୀଙ୍କ ଲାଗି ଓକିଲାତି ପାଇଁ ଅଡୁଆରେ ମେୟର: ସୁଲୋଚନା ଦାସଙ୍କୁ ବିଜେପିର ତୀବ୍ର ବିରୋଧ



ଭୁବନେଶ୍ୱର, ୨୨/୫ (ନି.ପ୍ର): ଓଡ଼ିଶାରେ ରହୁଥିବା ବାଂଲାଦେଶୀଙ୍କ ସପକ୍ଷରେ ଓକିଲାତି କରି ଅଡୁଆରେ ଭୁବନେଶ୍ୱର ମେୟର । କହିଛନ୍ତି, ସେମାନେ ଆମ ଦେଶର ନାଗରିକ, ସେମାନଙ୍କୁ ରାଜ୍ୟରୁ ବାହାର କରାଯିବ ନାହିଁ । ତେବେ ମେୟରଙ୍କ ଏହି ମନ୍ତବ୍ୟକୁ ତୀବ୍ର ନିନ୍ଦା କରିବା ସହ ରାସ୍ତାକୁ ଓହ୍ଲାଇଛି ବିଜେପି । ମେୟର ସୁଲୋଚନା ଦାସଙ୍କ କୁଶ ପୁତ୍ତଳିକା ଦାହ କରିବା ସହ ତାଙ୍କ ଇସ୍ତଫା ଦାବି କରିଛି । କିନ୍ତୁ ବିରୋଧ ବଢ଼ିବା ପରେ ୟୁ-ଟର୍ଣ୍ଣ ମାରିଛନ୍ତି ମେୟର । ବାଂଲାଦେଶୀଙ୍କ ସପକ୍ଷରେ ଭୁବନେଶ୍ୱର ମେୟର । ରାଜ୍ୟରୁ ବାହାର ନକରିବାକୁ ସୁଲୋଚନାଙ୍କ ଓକିଲାତି । ସୁରକ୍ଷା ଦୃଷ୍ଟିରୁ ଗୋଟିଏ ପଟେ ବାଂଲା ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରି ଦେଶରୁ ତଡ଼ିବାକୁ ଅଣ୍ଟା ଭିଡିଛନ୍ତି ସରକାର । ଅନ୍ୟପଟେ ଖୋଦ୍ ମେୟର ଯୁକ୍ତି ବାଢିଛନ୍ତି ବାଂଲାଦେଶୀଙ୍କ ସମର୍ଥନରେ । କହୁଛନ୍ତି, ସେମାନଙ୍କ ରାସନ କାର୍ଡ ଅଛି, ଭୋଟର କାର୍ଡ ଅଛି, ସେମାନେ ଆମ ଦେଶର ନାଗରିକ । ବାଂଲାଦେଶୀଙ୍କୁ କୌଣସି ପ୍ରକାରେ ବାହାର କରିବା ସମ୍ଭବ ନୁହେଁ । ଏପରିକି ସେମାନଙ୍କୁ ବାହାର କରାଯିବ ନାହିଁ, ଆମେ ସେମାନଙ୍କ ସହ ଅଛୁ ବୋଲି କହିବାକୁ ପଛାଇନାହାଁନ୍ତି । ଯାହାକୁ ନେଇ ତୁମ୍ବିତୋଫାନ ହୋଇଛି । ମେୟରଙ୍କ ମନ୍ତବ୍ୟ ବିରୋଧରେ ତେଜିଛି ପ୍ରତିବାଦ । ମେୟରଙ୍କ ବାଂଲାଦେଶୀ ପ୍ରୀତିକୁ ତୀବ୍ର ନିନ୍ଦା କରିଛି ବିଜେପି । ଆଜି ରାଜମହଲରୁ ଶିଶୁ ଭବନ ଛକ ଯାଏ ବିକ୍ଷୋଭ ଶୋଭାଯାତ୍ରା ▶▶ପୃଷ୍ଠା ୭

## ୨ ଜୈସ ଆତଙ୍କୀଙ୍କୁ ନିପାତ କଲା ଭାରତୀୟ ସେନା: ଘଞ୍ଚ ଜଙ୍ଗଲରେ ଆହୁରି ଲୁଚି ରହିଛନ୍ତି

ନୂଆଦିଲ୍ଲୀ, ୨୨/୫ : ଜମ୍ମୁ- କାଶ୍ମୀରର କିସ୍ତୱାର ଜିଲ୍ଲାର ସିଂପୋରା ଅଞ୍ଚଳରେ ସୁରକ୍ଷାବାହିନୀର ଏନକାଉଣ୍ଟରରେ ଟଳିଛନ୍ତି ୨ ଆତଙ୍କୀ । ମୃତ ଆତଙ୍କବାଦୀମାନେ ଜୈସ-ଏ-ମହମ୍ମଦ ଆତଙ୍କୀ ସଙ୍ଗଠନର ବୋଲି ଜଣା ପଡିଛି । କମାଣ୍ଡର ସୈଫୁଲ୍ଲା ସମେତ ୩ରୁ ୪ ଆତଙ୍କବାଦୀ ଏହି ଅଞ୍ଚଳରେ ଲୁଚି ରହିଥିବା ଖବର ଜଣା ପଡିବା ପରେ ସୁରକ୍ଷାବାହିନୀ ପକ୍ଷରୁ ସର୍ଚ୍ଚ ଅପରେସନ କରାଯାଇଥିଲା । ଗୁରୁବାର ସକାଳେ ଏହି ଅପରେସନ କରାଯାଇଥିଲା । ଏବେ ବି ଘଞ୍ଚ ଜଙ୍ଗଲ ମଧ୍ୟରେ ସର୍ଚ୍ଚ ଅପରେସନ ଜାରି ରହିଛି । ସୂଚନାଯୋଗ୍ୟ, ନିକଟରେ ଦକ୍ଷିଣ କାଶ୍ମୀରର ତ୍ରାଲ ଓ ସୋପିଆନରେ ୬ ଜଣ ଆତଙ୍କୀଙ୍କ ନିପାତ କରିଥିଲେ ଭାରତୀୟ ସେନା ଯବାନ । ଜମ୍ମୁ-କାଶ୍ମୀରରେ ଆତଙ୍କବାଦୀଙ୍କ ଉପସ୍ଥିତି ଥିବାରୁ ଲଗାତାର ଭାବେ ସର୍ଚ୍ଚ ଅପରେସନ କରାଯାଉଛି । ଏହା ପୂର୍ବରୁ ଜମ୍ମୁ-କଶ୍ମୀରର ସାମ୍ବା ସେକ୍ଟରରେ ଆତଙ୍କବାଦୀମାନେ ଭାରତ ସୀମାରେ ଅନୁପ୍ରବେଶ କରିବାକୁ ଉଦ୍ୟମ କରୁଥିବା ବେଳେ ବିଏସଏଫ ଯବାନଙ୍କ ଆଟାକରେ ଜୈସ-ଇ-ମହମ୍ମଦ ଆତଙ୍କବାଦୀ ଗୋଷ୍ଠୀର ୭ ଜଣ ଆତଙ୍କବାଦୀ ନିପାତ ହୋଇଥିଲେ ।

# ସୀମା ଲଂଘୁଛି ଇଡି: ଚେତାଇଦେଲେ ସୁପ୍ରିମ୍‌କୋର୍ଟ



ନୂଆଦିଲ୍ଲୀ, ୨୨/୫ : ସୁପ୍ରିମକୋର୍ଟ ତାମିଲନାଡୁର ରାଜ୍ୟ ପରିଚାଳିତ ମଦ ସଂସ୍ଥା ତାମିଲନାଡୁ ଷ୍ଟେଟ ମାର୍କେଟିଂ କର୍ପୋରେସନ (ଟାସମାକ) ସହ ଜଡ଼ିତ ଅଭିଯୁକ୍ତ ମଦ ଦୁର୍ନୀତି ମାମଲାରେ ଏନଫୋର୍ସମେଣ୍ଟ ଡାଇରେକ୍ଟୋରେଟ (ଇଡି)ର ତଦନ୍ତ ଓ ଚଢ଼ାଉ ଉପରେ ଅସ୍ଥାୟୀ ରୋକ ଲଗାଇଛନ୍ତି । ପ୍ରଧାନ ବିଚାରପତି ବି.ଆର. ଗଭାଇ ଏବଂ ବିଚାରପତି ଏ.ଜି. ମାସିହଙ୍କ ଖଣ୍ଡପୀଠ ଇଡିକୁ କଡ଼ା ସମାଲୋଚନା କରି କହିଛନ୍ତି ଯେ, ଏହି ସଂସ୍ଥା "ସମସ୍ତ ସୀମା ଲଙ୍ଘନ କରୁଛି" ଏବଂ ଦେଶର ସମ୍ବିଧାନରେ ଥିବା ଫେଡେରାଲ ଗଠନକୁ ଉଲ୍ଲଂଘନ କରୁଛି । ଏହି ମାମଲା ତାମିଲନାଡୁରେ ଅଭିଯୁକ୍ତ ୧୦୦୦ କୋଟି ଟଙ୍କାର ମଦ ଦୁର୍ନୀତି ସହ ଜଡ଼ିତ । ଇଡି ଅଭିଯୋଗ କରିଛି ଯେ ଡିଷ୍ଟିଲେରୀ କମ୍ପାନୀଗୁଡ଼ିକ ଅନିୟମିତ ଟଙ୍କା ଜମା କରି ଟାସମାକରୁ ଅଧିକ ଯୋଗାଣ ଅର୍ଡର ପାଇବା ପାଇଁ ବ୍ୟବହାର କରିଛନ୍ତି । ଏହା ସହ ଟାସମାକ ଦୋକାନଗୁଡ଼ିକ ଗ୍ରାହକଙ୍କଠାରୁ ବୋତଲ ପିଛା ୧୦ରୁ ୩୦ ଟଙ୍କା ଅଧିକ ମୂଲ୍ୟ ନେଉଥିବା ଅଭିଯୋଗ ହୋଇଛି । ତେବେ ତାମିଲନାଡୁ ସରକାର ଏବଂ ଟାସମାକ ଏହି ଅଭିଯୋଗକୁ ରାଜନୈତିକ ପ୍ରତିହିଂସା ବୋଲି ଅଭିହିତ କରି ଇଡିର କାର୍ଯ୍ୟକୁ ଅସାମ୍ବିଧାନିକ ବୋଲି ଦାବି କରିଛନ୍ତି । ରାଜ୍ୟ ସରକାରଙ୍କ ପକ୍ଷରୁ ସିନିୟର ଆଇନଜୀବୀ କପିଲ ସିବଲ କୋର୍ଟରେ କହିଛନ୍ତି ଯେ, ୨୦୧୪ରୁ ୨୦୨୧ ମଧ୍ୟରେ ରାଜ୍ୟର ଭିଜିଲାନ୍ସ ଓ ଆଣ୍ଟି-କରପସନ ନିର୍ଦ୍ଦେଶାଳୟ (ଡିଭିଏସି) ୪୧ଟି ଏଫଆଇଆର ଦାୟର କରିସାରିଛି । ତଥାପି, ଇଡି ୨୦୨୫ରେ ଏହି ମାମଲାରେ ହସ୍ତକ୍ଷେପ କରି ଟାସମାକ ମୁଖ୍ୟାଳୟରେ ଚଢ଼ାଉ କରିଥିଲା । ସୁପ୍ରିମକୋର୍ଟରେ ମୁଖ୍ୟ ବିଚାରପତି ଗଭାଇ ଇଡିର ପ୍ରତିନିଧିତ୍ୱ କରୁଥିବା ଅତିରିକ୍ତ ସଲିସିଟର ଜେନେରାଲ ଏସ.ଭି. ରାଜୁଙ୍କୁ ପଚାରିଥିଲେ, "କେମିତି ଏକ କର୍ପୋରେସନ ବିରୁଦ୍ଧରେ ଅପରାଧୀ ମାମଲା ହୋଇପାରେ ? ଆପଣ ବ୍ୟକ୍ତିଙ୍କ ବିରୁଦ୍ଧରେ ମାମଲା ଦାୟର କରିପାରନ୍ତି, କିନ୍ତୁ ଏକ ସଂସ୍ଥା ବିରୁଦ୍ଧରେ ନୁହେଁ ।" ▶▶ପୃଷ୍ଠା ୭

## ୨୭ରେ ଲଘୁଚାପ


ଭୁବନେଶ୍ୱର, ୨୨/୫ (ନି.ପ୍ର): ଆସୁଛି ବଡ଼ ବର୍ଷା । ଆସନ୍ତା ୨୭ ଓ ୨୮ ତାରିଖରେ ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ୨୭ରେ ବଙ୍ଗୋପସାଗରରେ ସୃଷ୍ଟି ହେବ ଲଘୁଚାପ । ପଶ୍ଚିମ କେନ୍ଦ୍ରୀୟ ଓ ତାର ପାର୍ଶ୍ୱବର୍ତ୍ତୀ ଉତ୍ତର ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବା ସମ୍ଭାବନା ରହିଛି । ଏହାର ୨ ଦିନ ଭିତରେ ଲଘୁଚାପ ଅଧିକ ଘନୀଭୂତ ହୋଇ ରାଜ୍ୟରେ ପ୍ରବଳ ବର୍ଷା କରାଇବ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ । ପାଣିପାଗ ବିଭାଗର ଆକଳନ ଅନୁସାରେ, ବିଶେଷ କରି ଦକ୍ଷିଣ ଓଡ଼ିଶାରେ ବର୍ଷାର ପ୍ରଭାବ ଅଧିକ ରହିବ । ରାୟଗଡ଼ା, କୋରାପୁଟ ଓ ମାଲକାନଗିରିରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ଏହି ଲଘୁଚାପ ବର୍ଷା ମୌସୁମୀ ବାୟୁ ଅଗ୍ରସରକୁ ଆହୁରି ସକ୍ରିୟ କରିବ । ଆଗାମୀ ୨ ରୁ ୩ ଦିନ ମଧ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ କେରଳ ଉପକୂଳ ଛୁଇଁବା ପାଇଁ ପାଗ ସମ୍ପୂର୍ଣ୍ଣ ଅନୁକୂଳ ରହିଛି । ସେହିପରି ଆସନ୍ତା ୭ ଦିନ ଯାଏ ସାରା ରାଜ୍ୟରେ କାଳବୈଶାଖୀ ପ୍ରଭାବ ରହିବ । ଆଗାମୀ ୨୪ ଘଣ୍ଟାରେ ୨୬ ଜିଲ୍ଲାରେ ବିଜୁଳି ଘଡଘଡି ସହ ବର୍ଷା ହେବା ନେଇ ୟେଲୋ ଆଲର୍ଟ ଜାରି କରାଯାଇଛି । ଏହି କାଳବୈଶାଖୀ ପ୍ରଭାବରେ ରାଜ୍ୟରେ ବଦଳିଛି ପାଗର ମିଜାଜ୍ । କିଛି ସ୍ଥାନରେ ବର୍ଷା ପରେ ତାତି ଓ ଗରମ ଗୁଳୁଗୁଳିରେ ସାମାନ୍ୟ ଆଶ୍ୱସ୍ତି ମିଳିଛି ।

## ଶିଳ୍ପ ଇତିହାସରେ ଯୋଡ଼ି ହେଲା ନୂଆ ଫର୍ଦ୍ଦ: କଳିଙ୍ଗନଗରରେ ଲକ୍ଷେ ୧୫ ହଜାର କୋଟିର ପ୍ରକଳ୍ପର ଭିତ୍ତିପ୍ରସ୍ତର ଓ ଉଦ୍‌ଘାଟନ



ଯାଜପୁର, ୨୨/୫ (ନି.ପ୍ର): ଓଡ଼ିଶାର ସମୃଦ୍ଧ ଶିଳ୍ପ ଇତିହାସରେ ଯୋଡ଼ି ହେଲା ଆଉ ଏକ ସଫଳତାର ପୃଷ୍ଠା । ଯାଜପୁର କଳିଙ୍ଗନଗରରେ ଆଜି ୧ ଲକ୍ଷ ୧୫ ହଜାର କୋଟି ଟଙ୍କାର ଶିଳ୍ପ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ମୋଟ୍ ୨୦ଟି ପ୍ରକଳ୍ପର ଶିଳାନ୍ୟାସ ଓ ୪ଟି ନୂତନ ପ୍ରକଳ୍ପର ଉଦଘାଟନ କରିଥିବାବେଳେ ଏହାଦ୍ୱାରା ପ୍ରାୟ ୩୬ ହଜାର ନୂତନ ନିଯୁକ୍ତି ସୃଷ୍ଟି ହେବାର ଲକ୍ଷ୍ୟ ରଖାଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ମାଝୀ କହିଛନ୍ତି, ଆଜିର କାର୍ଯ୍ୟକ୍ରମ, ଶିଳାନ୍ୟାସ କି ଉଦଘାଟନ ନୁହେଁ । ଏହା ହେଉଛି ସମୃଦ୍ଧ ଓଡ଼ିଶାର ଭବିଷ୍ୟତର ନିର୍ମାଣ । ପ୍ରତ୍ୟେକ ନିଯୁକ୍ତିର ଅର୍ଥ ହେଉଛି ଗାଁ ଯୁବକଙ୍କୁ ନିଯୁକ୍ତି ପାଇଁ ବାହାରକୁ ଯିବାକୁ ପଡ଼ିବ ନାହିଁ । ଆଜି ଯେଉଁ ସବୁ ପ୍ରକଳ୍ପ ଗୁଡ଼ିକର ଭିତ୍ତିପ୍ରସ୍ତର ସ୍ଥାପନ ହେଲା, ଏସବୁ ମେକ୍-ଇନ୍-ଓଡିଶା କନକ୍ଲେଭରେ ସ୍ୱାକ୍ଷରିତ ହୋଇଥିଲା । ମେକ୍ ଇନ୍ ଓଡ଼ିଶା କନକ୍ଲେଭ-ଉତ୍କର୍ଷ ଓଡ଼ିଶାର ଚମତ୍କାର ସଫଳତା ବଳରେ ▶▶ପୃଷ୍ଠା ୭

# ଓଡ଼ିଶାରେ ପଶିଲା କରୋନା: ଜଣେ ଦିଲ୍ଲୀ ଫେରନ୍ତା କୋଭିଡ୍ ପଜିଟିଭ୍




ଭୁବନେଶ୍ୱର, ୨୨/୫ (ନି.ପ୍ର): ରାଜ୍ୟକୁ ଫେରିଲା କରୋନା । କେରଳ, ମହାରାଷ୍ଟ୍ର, ତାମିଲନାଡୁ, ଗୁଜରାଟ ଭଳି ୧୧ ରାଜ୍ୟରେ ପାଦ ଥାପି ସାରିଥିବା ଏହି ମହାମାରୀ ଏବେ ଓଡ଼ିଶା ପଶିଛି । ଗତକାଲି ଭୁବନେଶ୍ୱରରୁ ଚିହ୍ନଟ ହୋଇଛନ୍ତି ଚଳିତ ବର୍ଷର ରାଜ୍ୟର ପ୍ରଥମ କୋଭିଡ୍ ପଜିଟିଭ୍ । ଏପଟେ ସ୍ୱାସ୍ଥ୍ୟ ବିଭାଗ କହିଛି, କୋଭିଡ୍କୁ ନେଇ ସଂପୂର୍ଣ୍ଣ ସଜାଗ ଅଛୁ । ନିୟନ୍ତ୍ରଣ ଭିତରେ ରହିଛି ପରିସ୍ଥିତି । ଭୟଭୀତ ହେବାର କୌଣସି କାରଣ ନାହିଁ । କେନ୍ଦ୍ର ସରକାରଙ୍କ ପକ୍ଷରୁ କୋଭିଡ୍ ନେଇ କୌଣସି ନୂଆ ନିର୍ଦ୍ଦେଶନାମା ଜାରି ହୋଇନାହିଁ । କରୋନାରେ ଆକ୍ରାନ୍ତ ହୋଇଥିବା ବ୍ୟକ୍ତି ଜଣକ ହେଉଛନ୍ତି ଭୁବନେଶ୍ୱରର ଜଣେ ୭୫ ବର୍ଷିୟ ବୟସ୍କ । ବହୁବିଧ ରୋଗରେ ଆକ୍ରାନ୍ତ ଏହି ବ୍ୟକ୍ତି ଜଣଙ୍କ କିଛିଦିନ ତଳେ ହରିଦ୍ୱାର ସମେତ ଉତ୍ତର ଭାରତର ବିଭିନ୍ନ ସ୍ଥାନ ବୁଲିବା ପରେ ଦିଲ୍ଲୀ ହୋଇ ଭୁବନେଶ୍ୱର ଫେରିଥିଲେ । ଗତକାଲି କୋଭିଡ୍ ଲକ୍ଷଣ ଦେଖା ଦେବା ସହ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଆଡମିଟ୍ କରାଯାଇଥିଲା । ପରୀକ୍ଷା ପରେ ଜଣାପଡ଼ିଥିଲା, ସେ କରୋନା ଆକ୍ରାନ୍ତ । ତାଙ୍କୁ ଏବେ ହସ୍ପିଟାଲର ସଂଗରୋଧ ରୁମ୍ ରେ ଚିକିତ୍ସା କରାଯାଉଛି । ରାଜ୍ୟର ପ୍ରଥମ କୋଭିଡ୍ ପଜିଟିଭ ଚିହ୍ନଟ ମାମଲାକୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ସ୍ପଷ୍ଟ କରିଥିବା ବେଳେ କରୋନାକୁ ନେଇ ଭୟଭୀତ ନହେବାକୁ ପରାମର୍ଶ ଦେଇଛି । ସ୍ୱାସ୍ଥ୍ୟ ସଚିବ କହିଛନ୍ତି, ଏବେ ଦେଶର ବିଭିନ୍ନ ସ୍ଥାନରେ ଦେଖା ଦେଉଥିବା କୋଭିଡ୍ ଭାରିଆଣ୍ଟ ରୋଗୀଙ୍କୁ ଗୁରୁତର କରୁନି । ତେଣୁ ଏହାକୁ ନେଇ ଚିନ୍ତିତ ହେବାର କାରଣ ନାହିଁ । ▶▶ପୃଷ୍ଠା ୭

# ଜମ୍ମୁ-କଶ୍ମୀର ପୂର୍ବତନ ରାଜ୍ୟପାଳଙ୍କ ନାଁରେ ଚାର୍ଜସିଟ ଦାଖଲ କଲା ସିବିଆଇ



ନୂଆଦିଲ୍ଲୀ, ୨୨।୫: କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଜାମ୍ମୁ ଓ କାଶ୍ମୀରର ପୂର୍ବତନ ରାଜ୍ୟପାଳ ସତ୍ୟପାଲ ମଲିକ ଏବଂ ଅନ୍ୟ ପାଞ୍ଚ ଜଣଙ୍କ ବିରୋଧରେ କିରୁ ଜଳବିଦ୍ୟୁତ ପ୍ରକଳ୍ପରେ ୨,୨୦୦ କୋଟି ଟଙ୍କାର ନାଗରିକ କାର୍ଯ୍ୟ ଠିକା ପ୍ରଦାନରେ ଅଭିଯୁକ୍ତ ଦୁର୍ନୀତି ମାମଲାରେ ଏକ ଚାର୍ଜସିଟ ଦାଖଲ କରିଛି । ଏହି ଚାର୍ଜସିଟ ତିନି ବର୍ଷର ତଦନ୍ତ ପରେ ଏକ ବିଶେଷ ଅଦାଲତରେ ଦାଖଲ କରାଯାଇଛି । ଅନ୍ୟପଟେ, ଏହି ଘୋଷଣା ପରେ ସତ୍ୟପାଲ ମଲିକ ଦିଲ୍ଲୀର ରାମ ମନୋହର ଲୋହିଆ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଏବଂ ତାଙ୍କ ସ୍ୱାସ୍ଥ୍ୟାବସ୍ଥା "ଗମ୍ଭୀର" ଥିବା ସୂଚନା ମିଳିଛି । ସତ୍ୟପାଲ ମଲିକ, ଯିଏ ୨୦୧୮ ଅଗଷ୍ଟ ୨୩ରୁ ୨୦୧୯ ଅକ୍ଟୋବର ୩୦ ପର୍ଯ୍ୟନ୍ତ ଜାମ୍ମୁ ଓ କାଶ୍ମୀରର ରାଜ୍ୟପାଳ ଥିଲେ, ଦାବି କରିଥିଲେ ଯେ ତାଙ୍କୁ ଏହି ପ୍ରକଳ୍ପ ସହ ଜଡ଼ିତ ଦୁଇଟି ଫାଇଲ ମଞ୍ଜୁର କରିବା ପାଇଁ ୩୦୦ କୋଟି ଟଙ୍କାର ଲାଞ୍ଚ ଅଫର କରାଯାଇଥିଲା । ସେ ଏହି ଅଭିଯୋଗକୁ ▶▶ପୃଷ୍ଠା ୭

# ସାମ୍ନାକୁ ଆସିଲା ମାଓ ଅପରେସନର ସଫଳ ଚିତ୍ର

## ନାରାୟଣପୁରରେ ପହଞ୍ଚିଲା ମାଓନେତା ବାସବରାଜୁର ମୃତଦେହ

ଛତିଶଗଡ଼, ୨୨/୫ (ନି.ପ୍ର): ଛତିଶଗଡ଼ ଅବୁଝମାଡ଼ ଜଙ୍ଗଲରେ ତିଆରି କରୁଥିଲେ ବିକାଶ ବିରୋଧୀ ରଣନୀତି । ଅସ୍ତ୍ରଶସ୍ତ୍ର ଧରି ଗରିଲା ଯୁଦ୍ଧ ଲଢ଼ିବା ସହ ସାମରିକ କୌଶଳ ଆପଣାଇ ଭଙ୍ଗ କରୁଥିଲେ ଶାନ୍ତି । ଶେଷରେ ସୁରକ୍ଷାକର୍ମୀଙ୍କ ଗୁଳିରେ ଶବ ପାଲଟିଗଲେ ୨୭ ମାଓବାଦୀ । ଏନକାଉଣ୍ଟରରେ ମାଓ ସଂଗଠନର ମସ୍ତିଷ୍କ କୁହାଯାଉଥିବା ଶୀର୍ଷ ନେତା ବାସବରାଜୁ ସହ ୨୭ ନକ୍ସଲଙ୍କ ଡେଡବଡ଼ି ପହଞ୍ଚିଛି ନାରାୟଣପୁରରେ । ସେହିପରି ମୃତ ନକ୍ସଲଙ୍କଠାରୁ ଜବତ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ବି ଅଣାଯାଇଛି । ୩ ଦିନ ଧରି ଚାଲିଥିବା ଏହି ଅପରେସନରେ ୨ ଯବାନ ସହିଦ ହୋଇଛନ୍ତି । ଦିନେ ଘଞ୍ଚ ଜଙ୍ଗଲରେ ଲଢୁଥିଲେ ସୁରକ୍ଷାକର୍ମୀଙ୍କ ସହ...ଏବେ ପାଲଟି ଯାଇଛନ୍ତି ଶବ...ଯେଉଁ ଅସ୍ତ୍ରଶସ୍ତ୍ର ଧରି ଗରିଲା ଯୁଦ୍ଧ ଲଢୁଥିଲେ.. ଏବେ ଅସ୍ତ୍ରଶୂନ୍ୟ ଅବସ୍ଥାରେ ନିସ୍ତେଜ ୨୭ ମାଓବାଦୀଙ୍କ ମୃତଦେହ... ପ୍ରତିଟି ମାଓବାଦୀଙ୍କୁ ଚିହ୍ନଟ ପରେ ମୃତଦେହର କଭର୍ ଉପରେ ଲେଖାଯାଇଛି ସେମାନଙ୍କ ନାଁ । କାହା ନାଁ ଯମୁନା ତ କାହା ନାଁ ଗୁଡ୍ଡୁ...କାହା ନାଁ କ୍ରାନ୍ତି ତ ଆଉ କାହା ନାଁ ରାଜେଶ୍...ତାହାରି ଭିତରେ କିନ୍ତୁ ସମସ୍ତଙ୍କ ନଜର ସେହି ଦୁର୍ଦ୍ଦାନ୍ତ ମାଓବାଦୀ ତଥା ମାଓ ସଂଗଠନର ଶୀର୍ଷ ନେତୃତ୍ୱ କୁହାଯାଉଥିବା ବାସବରାଜୁର ଶବ ଉପରେ । ଛତିଶଗଡ଼ ଅବୁଝମାଡ୍ ଜଙ୍ଗଲ ଭିତରୁ ଆଜି ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ମୃତ ମାଓବାଦୀଙ୍କ ମରଶରୀରକୁ ଅଣାଯାଇଥିଲା ଏଭଳି ଭାବେ । ଗତକାଲି ପ୍ରତିକୂଳ ପାଗ ଥିବାରୁ ଏହା ସମ୍ଭବ ହୋଇପାରିନଥିଲା । ହେଲିକପ୍ଟର ଆଜି ୨୭ ମୃତଦେହକୁ ଧରି ନାରାୟଣପୁରରେ ପହଞ୍ଚିଥିଲା । ଏହାପୂର୍ବରୁ ଜଙ୍ଗଲରେ ଦୁର୍ଦ୍ଦାନ୍ତ ବାସବରାଜୁ ସମେତ ▶▶ପୃଷ୍ଠା ୭

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୨୩ ମଇ ୨୦୨୫, ଶୁକ୍ରବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସମାଲୋଚନା ଓ ସହିଷ୍ଣୁତା...

ବର୍ତ୍ତମାନର ସମୟ ଏକ ସମ୍ବେଦନଶୀଳ ସମୟ । ଶତ୍ରୁ ଦୁଆର ମୁହଁରେ ସୁଯୋଗ ଅପେକ୍ଷାରେ ଠିଆ ହୋଇଛି ; କିଛି ଦିନ ପୂର୍ବେ ଏକ ବଡ଼ ଧରଣର କାଣ୍ଡ ଘଟାଇ ବିଶ୍ୱବାସୀଙ୍କ ବକ୍ଷକୁ ବିଦୀର୍ଣ୍ଣ କରି ସାରିଛି- ପର୍ଯ୍ୟଟକମାନଙ୍କ ବିରୁଦ୍ଧରେ ଆତଙ୍କବାଦୀମାନଙ୍କୁ ଲଗାଇ ସେମାନଙ୍କ ପ୍ରାଣ ନେଇଛି – ଯେଉଁଥିପାଇଁ ପ୍ରତି ଡ୍ରୋନ୍ ଏବଂ ମିସାଇଲ ମାଡ଼ ପର୍ଯ୍ୟନ୍ତ କଥା ଯିବା ସହିତ ଦେଶ ଯୁଦ୍ଧମୁହାଁ ହୋଇ ରହିଛି । ପ୍ରତି ମୁହୂର୍ତ୍ତରେ ଦେଶର ଲୋକମାନେ କିଛି ନା କିଛି ଅଭାବନୀୟ ଘଟଣା ଘଟିବାର ଆଶଙ୍କାରେ ରହିଛନ୍ତି। ପ୍ରତିଶୋଧ ନାଁରେ ଶତ୍ରୁ ଦେଶର ସାଧାରଣ ନାଗରିକ, ଧର୍ମପୀଠ ଇତ୍ୟାଦିକୁ ଲକ୍ଷ୍ୟଭୁକ୍ତ କରି ଆକ୍ରମଣ କରିବାକୁ ପ୍ରସ୍ତୁତ ଥିବା ବେଳେ ଏଇ ସମୟ ପାଲଟି ଯାଇଛି ପାକିସ୍ତାନକୁ ପାନେ ଚଖାଇବା ପାଇଁ ଅତ୍ୟନ୍ତ ସତର୍କତା ଅବଲମ୍ବନ କରିବାର ବେଳ। ଏଥିପାଇଁ ଏବେ ସୁରକ୍ଷାଜନିତ ପଦକ୍ଷେପଗୁଡ଼ିକୁ ବଢ଼ାଇବା ସଙ୍ଗେ ସଙ୍ଗେ ଦେଶର ଯେଉଁମାନେ ଶତ୍ରୁ ପାଇଁ ଗୁଇନ୍ଦାଗିରି କରୁଥିଲେ, ସେମାନଙ୍କୁ ଧରିବାର ଜରୁରୀ ଆବଶ୍ୟକତା ରହିଛି। ପରନ୍ତୁ, ଏଥିପାଇଁ ମାତ୍ରାତିରିକ୍ତ କାର୍ଯ୍ୟ କରିବା କ୍ୱଚିତ୍ ଦରକାର, ଯାହା ଏକ ରାଜ୍ୟ ସରକାର କରିଥିବା ଭଳି ମନେହୁଏ 'ଅପରେସନ୍ ସିନ୍ଦୂର' ବାବଦରେ ସାମାଜିକ ଗଣମାଧ୍ୟମରେ ପୋଷ୍ଟ୍ ହୋଇଥିବା କିଛି କମେଣ୍ଟ୍ ଉପରେ, ଯଦ୍ୟପି ଏହି କମେଣ୍ଟରୁ ଏକ ଯୁଦ୍ଧ ଭଳି ସ୍ଥିତିରେ ଜାତୀୟ ପରିସ୍ଥିତି ନିମନ୍ତେ କିଛିଟା ଆପତ୍ତିଜନକ ବୋଲି ଧରି ନିଆଯାଇପାରେ। ଏହାର ଏକ ଉଦାହରଣ ହେଉଛି ଏକ ବିଶ୍ୱବିଦ୍ୟାଳୟର ଜଣେ ଆସୋସିଏଟ୍ ପ୍ରଫେସରଙ୍କୁ ଗିରଫ କରିବା, ଯାହା ସମ୍ପ୍ରତିକ ପରିସ୍ଥିତିରେ ମାତ୍ରାତିରିକ୍ତ କାର୍ଯ୍ୟ ଭଳି ମନେହୁଏ। କହିବାର ତାତ୍ପର୍ଯ୍ୟ- ଏକ ଅବିବେକିତାପୂର୍ଣ କାର୍ଯ୍ୟ କ୍ରମରେ ଅଶୋକା ବିଶ୍ୱବିଦ୍ୟାଳୟର ଆସୋସିଏଟ୍ ପ୍ରଫେସର ଅଲି ଖାନ୍ ମହମୁଦାବାଦଙ୍କୁ ହରିୟାନା ପୁଲିସ ଗିରଫ କରିଛି ଗତ ରବିବାର ଦିନ ତାଙ୍କ ନାମରେ ଏଫ୍ଆଇଆର ରୁଜୁ ହେବା ପରେ । ଏହି ଏଫ୍ଆଇଆର ପତ୍ରରେ ଦୁଇ ଗୋଟି ପୃଥକ୍ ପୃଥକ୍ ସିନ୍ଦୂରକୁ ନେଇ ସାମାଜିକ ଗଣମାଧ୍ୟମରେ ସେ କରିଥିବା ପୋଷ୍ଟ୍ ଉପରେ । ଏକଥା ଉଲ୍ଲେଖ କରିବା ପ୍ରାସଙ୍ଗିକ ହେବ ଯେ ଅସନ୍ତୋଷକୁ ସହ୍ୟ କରିବା ହେଉଛି ଗଣତନ୍ତ୍ରର ବିଶେଷତ୍ୱ। ତାଙ୍କ ମନ୍ତବ୍ୟର ଏକ ଅଂଶ, ଯାହା ନିର୍ଦ୍ଦିଷ୍ଟ ଭାବରେ ମେ' ୭ରୁ ୧୦ ତାରିଖ ଭିତରେ ଘଟିଥିବା ଘଟଣାଗୁଡ଼ିକ ଉପରେ ସମଗ୍ର ଦେଶବାସୀଙ୍କୁ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିବା ମହିଳା ସେନାଧିକାରୀ ମାନଙ୍କ ଉଦ୍ଦେଶ୍ୟରେ କୁହାଯାଇଛି, ତାହା ହୁଏତ ଧୃଷ୍ଟତାପୂର୍ଣ୍ଣ ଏବଂ ସାମାଜିକ ଭାବରେ ଆପତ୍ତିଜନକ ହୋଇପାରେ। ପ୍ରଥମେ ହରିୟାନା ରାଜ୍ୟ ମହିଳା କମିଶନଙ୍କ ଦ୍ୱାରା ଦାଏର କରାଯାଇଥିବା ଅଭିଯୋଗ ଉପରେ, ଯେଉଁଥିରେ ତାଙ୍କୁ ସମନ କରାଯିବା ସତ୍ତ୍ୱେ ସେ ହାଜର ହୋଇ ନଥିଲେ ଏବଂ ତା'ପରେ ଜଣେ ସରପଞ୍ଚଙ୍କ ଦ୍ୱାରା କରାଯାଇଥିବା ଅଭିଯୋଗ ଆଧାରରେ ସେହି ଆସୋସିଏଟ୍ ପ୍ରଫେସରଙ୍କୁ ତାଙ୍କ ଦିଲ୍ଲୀସ୍ଥିତ ବାସଭବନରୁ ହରିୟାନା ନିଆଯାଇଥିଲା। ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିବା ମହିଳା ସେନାଧିକାରୀ ମାନଙ୍କ ବିଷୟରେ ସେ ଯେଉଁ 'ଲୋକ ଦେଖାଣିଆ' ଏବଂ 'ମିଛ' କହୁଥିବା କଥା ଉଲ୍ଲେଖ କରିଛନ୍ତି, ତାହା ଏକ ଅରୁଚିକର ଅଭିଯୋଗ ହୋଇଥିବା ବେଳେ ଏହାକୁ ରାଷ୍ଟ୍ରୀୟ ସର୍ବଭୌମତ୍ୱ ଏବଂ ସୁରକ୍ଷାକୁ ବିପନ୍ନ କରିବା ଭଳି କ୍ୱଚିତ୍ ବିବେଚନା କରାଯାଇ ପାରିବ। ସେ ଯାହା ହେଲେ ବି ଏଭଳି କ୍ଷେତ୍ରରେ ଜଣେ ସରପଞ୍ଚଙ୍କ ଭଳି ବ୍ୟକ୍ତିବିଶେଷ ବା ମହିଳା କମିଶନଙ୍କ ଭଳି ଏକ ଅନୁଷ୍ଠାନ ଅପେକ୍ଷା କେନ୍ଦ୍ର ସରକାରଙ୍କ ପକ୍ଷେ ଅଭିଯୋଗ ଆଗତ କରାଯିବା ଉଚିତ। ସାମାନ୍ୟତମ ଅସନ୍ତୋଷ ବା ସମାଲୋଚନା ବ୍ୟକ୍ତ କରାଯିବା ବ୍ୟାପାରଗୁଡ଼ିକ କ୍ଷେତ୍ରରେ ସେସବୁକୁ ଆପତ୍ତିଜନକ ଭାବରେ ଗ୍ରହଣ କରିବା ଅପେକ୍ଷା ସେଥି ପ୍ରତି କିଛିଟା ତନ୍ମୟତା ପ୍ରକାଶ କରିବା ନିମନ୍ତେ କେନ୍ଦ୍ର ଏବଂ ରାଜ୍ୟ ସରକାରମାନଙ୍କୁ ସଚେତନ କରାଯିବା ଉଚିତ, ଯାହାକି ପ୍ରାୟତଃ ରାଜନେତାମାନଙ୍କ ବିରୁଦ୍ଧରେ ଦିଆଯାଇଥିବା ମନ୍ତବ୍ୟଗୁଡ଼ିକ କ୍ଷେତ୍ରରେ ଏଭଳି ବିଦ୍ରୋହାତ୍ମକ ଭାବରେ ଗ୍ରହଣ କରାଯାଇଛି, ସେସବୁ ବାବଦରେ ସର୍ବାଧିକ କଠୋର ଦଣ୍ଡମାନ ମଧ୍ୟ ପ୍ରଦାନ କରାଯାଇଛି। ରାଜନୀତିକ ଜଳବାୟୁ ଯେତେ ଜଟିଳ ହେଉ ନା କାହିଁକି, ଅସନ୍ତୋଷ ବ୍ୟକ୍ତ କରିବା ଲୋକଙ୍କ ଉପରେ ସଦାସର୍ବଦା ଦୃଢ଼ ହସ୍ତରେ କାର୍ଯ୍ୟାନୁଷ୍ଠାନ କରିବା ସରକାରଙ୍କ ପକ୍ଷେ ଶୋଭନୀୟ ନୁହେଁ । ରାଷ୍ଟ୍ର ନୀତିର ଏକ ଉପାଦାନ ଭାବରେ ଆତଙ୍କବାଦକୁ ବ୍ୟବହାର କରି ପାକିସ୍ତାନ କିପରି ସମସ୍ତ ମର୍ଯ୍ୟାଦା ଉଲ୍ଲଙ୍ଘନ କରୁଛି ଏବଂ ସମସ୍ତଙ୍କ ଜୀବନକୁ ବିପନ୍ନ କରୁଛି, ସେ ସମ୍ପର୍କରେ ଉଚିତ ଧ୍ୟାନ ଦେବା ନିମନ୍ତେ ଭାରତ ଯେତେବେଳେ ବିଶ୍ୱ ଶକ୍ତିମାନଙ୍କ ପାଇଁ ଏହାକୁ ଏକ ବୈଶ୍ୱିକ ମାମଲାରେ ପରିଣତ କରିବାର ଉଦ୍ୟମ ଚଳାଇ ଥିବା ବେଳେ ଏଭଳି ଅରାଜି ହେବା ବା ଅସନ୍ତୋଷ ବ୍ୟକ୍ତ କରିବାର ସାମାନ୍ୟ ଘଟଣା ଉପରେ କଠୋରତା ଅବଲମ୍ବନ କରିବା ସମାଜ ପାଇଁ ଏକ ଉତ୍ତମ ବାର୍ତ୍ତା ବହନ କରୁନାହିଁ । ସାମାଜିକ ଗଣମାଧ୍ୟମର ପୋଷ୍ଟଗୁଡ଼ିକୁ- ଯେଉଁଗୁଡ଼ିକ ହୁଏତ ସାଧାରଣ ମତର ବିରୋଧାଚରଣ କରିବା ଭଳି ହୋଇଥାଇ ପାରେ, କିମ୍ବା ବାକ୍ ସ୍ୱାଧୀନତାର ଅପବ୍ୟବହାର ହୋଇଥାଇପାରେ- ଆପତ୍ତିଜନକ ଭାବରେ ଗ୍ରହଣ କରିବା ପାଇଁ ବିବେଚିତ ରାଷ୍ଟ୍ରମାନଙ୍କଠାରୁ ଭାରତ ନିଜକୁ ଏକ ଢେର୍ ବଡ଼ ରାଷ୍ଟ୍ର ଭାବରେ ବିବେଚନା କରିବା ଉଚିତ ଏବଂ ଏଭଳି ମାମଲାଗୁଡ଼ିକୁ ତତଲା ପାଣି ଭାବରେ ଗ୍ରହଣ କରିବା ଆବଶ୍ୟକ, ଯେଉଁଥିରେ ଘର ପୋଡ଼ିଯାଏ ନାହିଁ, ଏବଂ ଏହା ବିଶେଷକରି ଏମିତି ଏକ ସମୟରେ କରିବା ଉଚିତ ଯେତେବେଳେ କି ବାହ୍ୟ ଶତ୍ରୁ ଏହାକୁ ଚାରିପଟୁ ଘେରି ରହିଛନ୍ତି।

## କବିତା କୋଣାର୍କ

### ସାହା ହୁଅ ମହାବାହୁ

କୁନା ସେଠୀ



ଅନାଥର ନାଥ ଅଗତିର ଗତି
ତୁମେ ହେ ଲକ୍ଷ୍ମି ପତି
ତୁମକୁ ସ୍ମରିଲେ ଦୁଃଖ ସରି ଯାଏ
ନ ଆସେ ବିପଦ କତି ।

ଦୀନବନ୍ଧୁ ଆହେ କୃପାସିନ୍ଧୁ ମୋର
ଦୟାର ସାଗର ତୁମେ
ଆରତ ଭଞ୍ଜନ ତୁମେ ନାରାୟଣ
ଶରଣ ତୁମର ଆମେ ।

ଭକତ ବସ୍ଚଳ ତୁମେ ନିଳୋତ୍ପଳ
ଭକତ ବାନ୍ଧବ ହରି
ଭକତର ଦୁଃଖ ଶୁଣି ନ ଶୁଣୁଛ
ନ ଜାଣିଲା ସତେ ପରି ।

ଶରଣ ରକ୍ଷଣ ଆହେ ନାରାୟଣ
ଅନ୍ତର୍ଯ୍ୟାମୀ ମହା ପ୍ରଭୁ
ପୁରୀ ଧାମେ ବସି ଦେଖୁଅଛ ହସି
ସଂସାର ନାଟକ ସବୁ ।

ଦେଇଛ ଜନମ ନର ରୂପେ ପୁଣ
ତୁମେ ନ କରିଲେ ଆହା
ମହାବାହୁ ମୋର ଏଇ ଦୁନିଆରେ
କିଏ ହେବ ମୋର ସାହା ।

+ ଭୁତସରସିଙ୍ଗି,
ପୁରୁଷୋତ୍ତମପୁର, ଗଂଜାମ

## ଚବିଶ ଘଣ୍ଟା



**ଇଂ ସତ୍ୟନାରାୟଣ ମାଝୀ**


ସମୟ କେବେ ଅଟକି ନାହିଁ କି ଅଟକିବ ନାହିଁ ମଧ୍ୟ। ଜଣେ ସାଧାରଣ ମଣିଷ ନିକଟରେ ଯେତିକି ସମୟ ଅଛି ଜଣେ ବିରଳ ତଥା ସଫଳ ବ୍ୟକ୍ତିତ୍ୱ ନିକଟରେ ମଧ୍ୟ ସେତିକି ସମୟ ଉପଲବ୍ଧ।

ଦିନକୁ ଚବିଶ ଘଣ୍ଟା ଆମେ ହିସାବ କରୁଛୁ। ଏଇ ଚବିଶ ଘଣ୍ଟାକୁ ଯିଏ ଯେମିତି ବ୍ୟବହାର ବା ଉପଯୋଗ କରିପାରୁଛି ସିଏ ସେତେ ଆଗକୁ ଯାଉଛି। ସବୁଠୁ ବଡକଥା ହେଉଛି ସମୟ କାହାପାଇଁ କମ୍ ନାହିଁ।

ଯିଏ ବି କୁହେ ମୋ ନିକଟରେ ସମୟ ନାହିଁ ମୋ ମତରେ ତାହା ତା ପକ୍ଷରେ ଦୁର୍ଭାଗ୍ୟର କଥା। ଜଣେ ମଣିଷ ସବୁବେଳେ ସମୟକୁ ଉପଯୋଗ କରିବା ଦିଗରେ ତତ୍ପର ହେବା ନିତାନ୍ତ ଜରୁରୀ। ସଭ୍ୟ ସମାଜର ସଭ୍ୟତାକୁ ସୁଦୃଢ କରିବାକୁ ସମୟର ସକରାତ୍ମକ ଦିଗରେ ଦୃଷ୍ଟିପାତ ଜରୁରୀ। ସମାଜର ପ୍ରଗତି ମଣିଷର ବ୍ୟକ୍ତିତ୍ୱରୁ ହିଁ ଜାତ ହୋଇଥାଏ। ଜଣେ ବ୍ୟକ୍ତିର ସାମାଜିକ, ଆର୍ଥିକ ବିକାଶ ଯଦି ସମାଜର କ୍ଷତି କରି ନ ଥାଏ ତେବେ ନିଶ୍ଚିତ ଭାବେ ସେ ସମାଜର ଅଗ୍ରଗତି ହେଉଛି ବୋଲି ଜାଣିବା। ତେଣୁକରି ସମୟ ଆମ ଜୀବନରେ ଅତି ମୂଲ୍ୟବାନ ସମ୍ପଦ। ଚବିଶ ଘଣ୍ଟା ସମୟ ହିଁ ପ୍ରତିଦିନର ଜୀବନଚର୍ଯ୍ୟାକୁ ପରିଚାଳନା କରିଥାଏ। କାରଣ ଦିନସାରାର ଚବିଶ ଘଣ୍ଟା ଆମର ଦୈନନ୍ଦିନ କାର୍ଯ୍ୟଧାରାକୁ ବଜାୟ ରଖିଥାଏ। ଆମେ ନିତ୍ୟକର୍ମ ତଥା ବୃତ୍ତି ଓ ଶୟନକୁ ଛାଡିଦେଲେ ଅନ୍ୟ ଯାହା ବି କାର୍ଯ୍ୟ ରହିଛି ତାହା କେବଳ ସମୟ ସାରଣୀରେ ପ୍ରଭାବ ପକାଇଥାଏ। ଆଜିର ଡିଜିଟାଲ୍ ମେସିନ୍ ଯୁଗରେ ମଣିଷ ନେଉଥିବା କାର୍ଯ୍ୟର ଦଶଗୁଣାକୁ ଅତିକମ୍ ସମୟରେ ମେସିନ୍ କରିଦେଉଛି। ନିତିଦିନର ଅନେକ କାର୍ଯ୍ୟ ମଧ୍ୟ ମଣିଷକୁ କରିବାକୁ ପଡୁନି ଯେମିତିକି ଜଳସଂଗ୍ରହ ପାଇପ୍ ଯୋଗେ ହେଉଛି, ଲୁଗାସଫା ୱାସିଙ୍ଗ୍ ମେସିନ୍ ଦ୍ୱାରା ହେଉଛି। ଏମିତି ବହୁକାର୍ଯ୍ୟ ରହିଛି ଯାହାକି ମଣିଷକୁ କରିବାକୁ ପଡୁନାହିଁ। ଅତ୍ୟାଧୁନିକ ବ୍ୟବସ୍ଥା ଅନୁସାରେ ମଣିଷ ନିକଟରେ ତ ସମୟମାତ୍ରା ବଢିବା କଥା ହେଲେ ବଢୁନି କାହିଁକି। ତାହା ହିଁ ଚିନ୍ତାର ବିଷୟ ଏବଂ ଆଲୋଚନାର ବିଷୟ। ଏଣୁ ଆମେ ସମସ୍ତ ବିଚାର କରିବା ଜରୁରୀ ଯେ ଆମେ ସମୟକୁ ଠିକ୍ ଉପଯୋଗ କରୁଛୁ ତ। ପ୍ରକୃତରେ ଚବିଶ ଘଣ୍ଟାକୁ ସଠିକ୍ ପରିଚାଳନା କରିବା ସହଜ ବିଷୟ ନୁହେଁ। ଏହି ଚବିଶ ଘଣ୍ଟାର ପରିଚାଳନା ହିଁ ଆମର ବ୍ୟକ୍ତିଗତ ଜୀବନ ବହୁ ପ୍ରଭାବ ପକାଇ ଥାଏ। ସାରା ପୃଥିବୀର ବିରଳ ବ୍ୟକ୍ତିତ୍ୱମାନଙ୍କର ଜୀବନଚର୍ଯ୍ୟା ଏତେ ସହଜ ନଥାଏ। ଚବିଶ ଘଣ୍ଟାର ଗୋଟିଏ ବି ସେକେଣ୍ଡ ଅବା ମିନିଟ୍‌ର ସଦୁପୋଯୋଗ ହିଁ ତାଙ୍କର ପ୍ରତିଷ୍ଠା ବା ପରିଚୟ। ଅଳସୁଆ ମନୋବୃତ୍ତି ହିଁ ଚବିଶ ଘଣ୍ଟାକୁ ନଷ୍ଟ କରିଦିଏ। ଚବିଶ ଘଣ୍ଟାର ସଠିକ୍ ପରିଚାଳନା ଜୀବନକୁ ଅମୃତମୟ କରିଦିଏ।କାରଣ ସମୟ ଦ୍ୱାରା ହିଁ ସବୁ ସମ୍ଭବପର ହୋଇଥାଏ। ଯଦି ଠିକ୍ ସମୟରେ ଠିକ୍ କାର୍ଯ୍ୟ ହୋଇନ ଥିବା ତାହା ଆମ ଶରୀର, ବୃତ୍ତି, ପରିବାର ଏବଂ ଅନ୍ୟ ସମସ୍ତ ଦୈନନ୍ଦିନ କାର୍ଯ୍ୟରେ ବ୍ୟତିକ୍ରମ ସୃଷ୍ଟି କରିଦିଏ। ଇତିହାସକୁ ଲେଉଟାଇଦେଲେ ପ୍ରତିଟି ସଫଳ ବ୍ୟକ୍ତିତ୍ୱ ଏକ ସୁନ୍ଦର ଚବିଶ ଘଣ୍ଟା ପରିଚାଳନାର ନମୁନା ଦେଖାଯାଇଛି। ତେଣୁ ଚବିଶ ଘଣ୍ଟା ସମାନ ଆମ ଆଗାମୀ ଭବିଷ୍ୟତ କିପରି ରହିବ ତାର ରୂପରେଖ ପ୍ରସ୍ତୁତ କରିଥାଏ। ବର୍ତ୍ତମାନ ବ୍ୟସ୍ତତା ସାମାଜିକ ଜୀବନରେ ଏତେ କୁପ୍ରଭାବ ପକାଇ ଚାଲିଛି ଯେ ଆଗାମୀ ପିଢି ପାଇଁ ବିପଦଜନକ ହୋଇପଡିଛି।ଜଣେ ଛାତ୍ର, ବ୍ୟବସାୟୀ, ଦିନ ମଜୁରିଆ,ଚାକିରିଆ ତଥା ନିଜ୍‌ବୃତ୍ତି ଅନୁସାରେ କାର୍ଯ୍ୟ କରୁଥିବା ସମସ୍ତଙ୍କର ପକ୍ଷରେ ଚବିଶ ଘଣ୍ଟାର ସଠିକ୍ ପରିଚାଳନା ହୋଇପାରିଲେ ସଫଳ ହେବାର ରାସ୍ତା ଖୋଲିଯିବ।

ଷ୍ଟାଣ୍ଡିଙ୍ଗ୍ କମିଟି ସଦସ୍ୟ,
ରାଜ୍ୟ ବନ୍ୟପ୍ରାଣୀ ବୋର୍ଡ୍

## ସମ୍ବିଧାନରେ ଶାସନର ତ୍ରୀବେଣୀ ବ୍ୟବସ୍ଥା



**ଗୋପାଳ ମହାପାତ୍ର**

ପୁଞ୍ଜିବାଦୀ ଗଣତନ୍ତ୍ରରେ ବ୍ୟକ୍ତି-କେନ୍ଦ୍ରୀତ ଦଳ ଆଧାରିତ ନିର୍ବାଚନ ପ୍ରଣାଳୀ ଶାସନକୁ ନିୟନ୍ତ୍ରିତ କରିବାର ମାଧ୍ୟମ ଅଟେ। କିନ୍ତୁ ଶାସନ ଗାଦି ପ୍ରାପ୍ତି ପରେ ନିଜକୁ ସର୍ବଅଧିକାର ସମ୍ପନ୍ନ ବୋଲି ଭାବିନେଇ ଶାସନ ଚଳାଇବା ଶାସନ ଉପରେ ଏକାଧିକାର ବାଦକୁ ଜନ୍ମ ଦେଇଥାଏ। ଏବେ ଦେଶର ଜନସାଧାରଣଙ୍କୁ ଏହାର ପରିଣାମ ଭୋଗିବାକୁ ପଡୁଛି। ଏଭଳି ଏକାଧିକାରବାଦୀ ଶାସନର ଏକ ଝଲକ ବିଗତ ଦିନରେ ଦେଖିବାକୁ ମିଳଥିଲା ଯେତେବେଳେ ୱକଫ ସଂଶୋଧନ ଅଧିନିୟମ-୨୦୨୫ର ବୈଧତାକୁ ନେଇ ସୁପ୍ରିମ୍ କୋର୍ଟରେ ଚାଲେଞ୍ଜ କରାଯାଇଥିଲା ଓ ସୁପ୍ରିମ୍ କୋର୍ଟ ଏହାର ଆଂଶିକ ସ୍ଥଗନ ଆଦେଶ ଦେଇଥିଲେ। କୋର୍ଟଙ୍କ ଆଦେଶ ପରେ ଶାସକ ଦଳର ସାମ୍ବିଧାନିକ ପଦାଧିକାରୀ ସୁପ୍ରିମ୍‌କୋର୍ଟଙ୍କ ସାମ୍ବିଧାନିକ ସୀମା ବାବଦରେ ଜ୍ଞାନ ଦେବାରେ ଲାଗିଲେ। ଏହା ପୁର୍ବରୁ ତତ୍କାଳୀନ ସୁପ୍ରିମ୍‌କୋର୍ଟଙ୍କ ପ୍ରଧାନ ବିଚାରପତିଙ୍କ ଅଧକ୍ଷତାରେ ଗଠିତ ପୀଠ ବାବରି ମସଜିଦ୍-ରାମମନ୍ଦିର ମାମଲାର ରାୟ ଶୁଣାଇବା ପୁର୍ବରୁ ସୁପ୍ରିମ କୋର୍ଟ ପରିସରରେ ପ୍ରଧାନମନ୍ତ୍ରୀଙ୍କ ସହ ବିଚାରପତି ମାନଙ୍କର ଭେଟ/ଆଲୋଚନା ମଧ ହୋଇଥିଲା। ଏଣୁ ଏଥିରୁ ସ୍ପଷ୍ଟ ଯେ ସାମ୍ବିଧାନିକ କ୍ଷେତ୍ରର ଉପରେ ସତ୍ତାଧିକାର କ୍ଷେତ୍ରର ଭୂମିକା ଅଧିକ।

ଦୁଇଟି କଥାର ଚର୍ଚ୍ଚା ଏଠାରେ କରାଯିବାର ଆବଶ୍ୟକତା ରହିଛି। ପ୍ରଥମତଃ କାର୍ଯ୍ୟପାଳିକା, ବିଧାୟିକା ଏବଂ ନ୍ୟାୟପାଳିକା ନିଜ ନିଜ କ୍ଷେତ୍ରରେ ସ୍ୱତନ୍ତ୍ର। ଏମାନଙ୍କୁ ସମ୍ବିଧାନର ପ୍ରଦତ୍ତ ଅଧିକାର କ୍ଷେତ୍ର ମଧରେ ରହି କାର୍ଯ୍ୟକରିବା ପାଇଁ ସ୍ୱତନ୍ତ୍ରତା ମିଳିଛି। ବିଧାୟିକା ଏବଂ କାର୍ଯ୍ୟପାଳିକାକୁ ଅନୁଚ୍ଛେଦ ୧୦୭ ଅନୁସାରେ ମିଳିମିଶି ନିୟମ-କାନୁନ ପ୍ରଣୟନ କରିବାର ଅଧିକାର ମିଳିଛି। କିନ୍ତୁ ଏହି ଆଇନ ଯଦି ଭେଦଭାବ କରେ ନିରଙ୍କୁଶ ହୁଏ ଅଥବା ସାମ୍ବିଧାନିକ ଅଧିକାର ଉପରେ କୁପ୍ରଭାବ ପକାଇଥାଏ ତେବେ ଏହି ଆଇନ ବୈଧ ନୁହେଁ। ଏହାର ବୈଧତା- ଅବୈଧତା ଅଥବା ସମ୍ବିଧାନ ସମ୍ମତ କି ନୁହେଁ ସେ ବାବଦରେ ନ୍ୟାୟପାଳିକା ନିର୍ଣ୍ଣୟ କରିଥାଏ। ଅନୁଚ୍ଛେଦ ୧୪୧ ଓ ୧୪୨ରେ ନ୍ୟାୟପାଳିକାକୁ ଦିଆ ଯାଇଥିବା ଅଧିକାର ତଥା ନ୍ୟାୟିକ ସମୀକ୍ଷାର ଅଧିକାର ଅସୀମିତ ଅଟେ। ଦ୍ୱିତୀୟତଃ ସମ୍ବିଧାନରେ ଆଇନ ପ୍ରଣୟନ ପାଇଁ ଯେତେ ବିଶୟ ରହିଛି ସେ ବିଶୟ ଉପରେ ପ୍ରଣୟନ କରାଯାଇଥିବା ଆଇନ ସମ୍ବିଧାନ ସମ୍ମତ କି ନୁହେଁ ଅଥବା ଭେଦଭାବପୂର୍ଣ୍ଣ ଏହାର ଆକଳନ ଏବଂ ମୂଲ୍ୟାଙ୍କନ କରିବା ପାଇଁ କ'ଣ ଆଧାର ରହିଛି ଏହା ଉପରେ ନ୍ୟାୟପାଳିକା ବିଚାର କରିଥାଏ।

ଦେଖିବାକୁ ଗଲେ, ଆଇନରେ ଦେଶର ନାଗରିକଙ୍କ ଆଶା, ନାଗରିକଙ୍କ ଆବଶ୍ୟକତା କେମିତି ପରିଲକ୍ଷିତ କରାଯାଇଛି, କେମିତି ଅଭିବ୍ୟକ୍ତ କରାଯାଇଛି ତାକୁ ଆଧାର କରି ନ୍ୟାୟପାଳିକା ଆଇନର ଆକଳନ କରିଥାନ୍ତି ବା ଅନ୍ୟ ଅର୍ଥରେ ସଂପୃକ୍ତ ଆଇନ୍‌ର ସମୀକ୍ଷା କରିଥାନ୍ତି। ଗଣତନ୍ତ୍ରର ୩ଟି ସ୍ତମ୍ଭ କଥା ଅଧିକତର ଭାବେ କୁହାଯାଏ। ସେ ସବୁ ହେଉଛି ବିଧାୟିକା, କାର୍ଯ୍ୟପାଳିକା ଓ ନ୍ୟାୟାପାଳିକା। ବିଧାୟିକା, କାର୍ଯ୍ୟପାଳିକା ଏବଂ ନ୍ୟାୟପାଳିକା ଏକ ପ୍ରକାରର ତ୍ରୀବେଣୀ ବା ତିନି ମୁଖ୍ୟାଧାରା ଯିଏ ଜନତାଙ୍କ ଆକାଂକ୍ଷାର ପ୍ରତୀକ ଅଟନ୍ତି। କାର୍ଯ୍ୟପାଳିକାରେ ପୁର୍ଣ୍ଣତଃ ସାମ୍ବିଧାନିକ ପ୍ରାଧିକାରୀ ଯଥା- ସିଏଜି, ମହାଧିବକ୍ତା, ନିର୍ବାଚନ କମିଶନ ସହିତ ତମାମ ପ୍ରଶାସନିକ ବ୍ୟବସ୍ଥା ରହିଛି। ନ୍ୟାୟପାଳିକାରେ ପ୍ରାଧାନବିଚାରପତି, ସୁପ୍ରିମକୋର୍ଟର ଅନ୍ୟ ବିଚାରପତିମାନେ, ହାଇକୋର୍ଟର ମୁଖ୍ୟ ବିଚାରପତି ଓ ଅନ୍ୟ ବିଚାରପତି ଏବଂ ନିମ୍ନ ଅଦାଲତର ବିଚାରପତିମାନେ ସାମିଲ। ବିଧାୟିକା ପୁର୍ଣ୍ଣତଃ ସାଂସଦ, ବିଧାୟକ ଅଟନ୍ତି। ଏମାନଙ୍କ ଜିତିବା ପଛରେ ରହିଛି ସାଧାରଣ ଜନତା, କୃଷକ, ଶ୍ରମିକ ଏବଂ ଅନ୍ୟବର୍ଗଙ୍କ ଭୋଟ। ଏସବୁ ପରେ ସେମାନଙ୍କ ଆକାଂକ୍ଷା ଓ ଆଶା ରହିଛି। ଏହା ହେଉଛି ସମ୍ବିଧାନର ଆତ୍ମା।

ସମ୍ବିଧାନର ଏହି ଆତ୍ମାକୁ ପରିଲକ୍ଷିତ କରି ସମ୍ବିଧାନରେ ମୂଳ ଅଧିକାର ତଥା ରାଜ୍ୟ ମାନଙ୍କୁ ନୀତିରେ ନିର୍ଦ୍ଦେଶକ ତତ୍ୱ ଭାବରେ ସୂଚୀବଦ୍ଧ କରାଯାଇଛି। ମୂଳ ଅଧିକାର ବ୍ୟକ୍ତିଗତ ବିଷୟ ସହ ଯୋଡ଼ି ହୋଇଛି, ସେହିପରି ରାଜ୍ୟ ମାନଙ୍କୁ ସାମୁହିକ, ସାମୁଦାୟିକ, ବିଭିନ୍ନ ବର୍ଗର ସାମାଜିକ, ଆର୍ଥୀକ ଓ ରାଜନୈତିକ ଆବଶ୍ୟକତାକୁ ପୁରଣ କରିବାର ଦୟିତ୍ୱ ଦିଆଯାଇଛି। ସମ୍ବିଧାନ ନିର୍ମାତା ମାନେ ଭାରତୀୟ ସମାଜର ବିବିଧତା ବିଷମତାକୁ ପ୍ରତ୍ୟକ୍ଷ ଭାବେ ଦେଖିଛନ୍ତି ଏଣୁ ସେସବୁ କଥାକୁ ଆବଶ୍ୟକତାକୁ ରେଖାଙ୍କିତ କରାଯାଇଛି ଏବଂ କାର୍ଯ୍ୟାପାଳିକା, ବିଧାୟିକାର କୌଣସି ବି ବ୍ୟତିକ୍ରମ ଅଥବା ଜନ ଆକାଂକ୍ଷାର ଅଣଦେଖା କରି ସାମ୍ବିଧାନିକ ମାନଙ୍କର ଅତିକ୍ରମଣ କରାଗଲେ ନ୍ୟାୟପାଳିକାକୁ ସେ ସବୁର ସମୀକ୍ଷା କରିବା ପାଇଁ ଅଧିକାର ଦିଆଯାଇଛି। ଏପରିକି ନ୍ୟାୟପାଳିକାକୁ ବିଧାୟିକା ଏବଂ କାର୍ଯ୍ୟପାଳିକାକୁ ନିର୍ଦ୍ଦେଶ ଦେବାର ଅଧିକାର ସମ୍ବିଧାନ ଦେଇଛି। ତ୍ରୀବେଣୀର ଦୁଇଧାରା କାର୍ଯ୍ୟପାଳିକା ଓ ବିଧାୟିକା ସମ୍ବିଧାନରେ ଉଲ୍ଲିଖିତ ବ୍ୟବସ୍ଥାକୁ ଉଲଂଘନ, ଅତିକ୍ରମଣ କଲେ ନ୍ୟାୟପାଳିକା ହସ୍ତକ୍ଷେପ କରିପାରିବ। ଅନ୍ୟଥା ବ୍ୟକ୍ତି କେନ୍ଦ୍ରୀତ ଗଣତାନ୍ତ୍ରିକ ବ୍ୟବସ୍ଥା ଏକାଧିକାରରେ ପରିବର୍ତ୍ତନ ହେବାର ସମ୍ଭାବନା ରହିଛି।

+ରାମଚନ୍ଦ୍ରପୁର, ରଣପୁର
ମୋ -୯୪୩୮୪୮୫୦୯୪

## ବିଚାର କ୍ଷମତା



**କିଶୋର କୁମାର ଜେନା**

ବିଚାର ହେଉଛି ଏକ ତେଜୋଦୀପ୍ତ ଜୀବନ୍ତ ଶକ୍ତି। ଜଗତରେ ଯେତେସବୁ ଶକ୍ତି ରହିଛି, ସେମାନଙ୍କ ମଧ୍ୟରେ ବିଚାରଶକ୍ତି ହେଉଛି ସବୁଠାରୁ ଅଧିକ ଜୀବନ୍ତ, ଅଧିକ ସୂକ୍ଷ୍ମ ଓ ଅଧିକ ବଳିଷ୍ଠ। ବିଚାର ଏକ ବିରାଟ ଶକ୍ତି। ବିଚାର ଏକ କ୍ରିୟାଶୀଳ ଶକ୍ତି। ଆତ୍ମିକ ପ୍ରାଣ ବା ସୂକ୍ଷ୍ମପ୍ରାଣ ଦ୍ୱାରା ମନସ୍ତରରେ କମ୍ପନ ସୃଷ୍ଟି ହେଲେ ବିଚାର ଉତ୍ପନ୍ନ ହୁଏ। ମାଧ୍ୟାକର୍ଷଣ ଶକ୍ତି, ସଂଶ୍ଲେଷଣ ଶକ୍ତି ବା ବିକର୍ଷଣ ଶକ୍ତିପରି ବିଚାର ଶକ୍ତି ମଧ୍ୟ ଏକ ନିଶ୍ଚିତ ନିର୍ଭୁଲ ଶକ୍ତି।

ଆମେ ମନୁଷ୍ୟକୁ ବିଚାର କରିବାକୁ ଭାଜନ କି ? ଏହା ଏକ ପ୍ରଶ୍ନ । ସାଧାରଣତଃ ଆମେ ସବୁବେଳେ ପରସ୍ପରକୁ ଉପଦେଶ ଦେଉ – 'ଏଇଟା କର, ଏଇଟା କରନା। ଏହା କଲେ ଭଲ ହେବ, ଏହା କଲେ ଖରାପ ହେବ, ତୋର ଏଭଳି କରିବା ଉଚିତ ।' କିନ୍ତୁ କେବେହେଲେ ନିଜକୁ ପ୍ରଶ୍ନ କରୁନାହୁଁ ଏଭଳି ଉପଦେଶ ଦେବାକୁ ମୁଁ ଯୋଗ୍ୟ କି ? କ'ଣ ଭଲ, କ'ଣ ମନ୍ଦ ଆମେ କେତେ ଜାଣିଛୁ । ଅନ୍ୟ ଅପେକ୍ଷା ଆମର ଦୃଷ୍ଟି ସ୍ୱଚ୍ଛତମ, ବାଞ୍ଛନୀୟ ଓ ସତ୍ୟତର – ଏହା ଆମେ ପରୀକ୍ଷା କରିଜାଣିଛୁ କି ? ଯଦି ନ ଜାଣିଛୁ ତେବେ ଅନ୍ୟକୁ ଉପଦେଶ ଦେବା କାହିଁକି ? ଅନ୍ୟର ବ୍ୟାପାରରେ ହସ୍ତକ୍ଷେପ କରିବା ଉଚିତ ନୁହେଁ । ଭଗବାନ ଶ୍ରୀ ସତ୍ୟସାଇ ବାବା ତାଙ୍କ ଦିବ୍ୟ ସମ୍ଭାଷଣରେ କହିଛନ୍ତି 'ମନୁଷ୍ୟର ପ୍ରତ୍ୟେକଟି ବିଚାର ସକଳ ଦୃଷ୍ଟିରୁ ମୂଲ୍ୟବାନ। ସତ୍ ବିଚାର ତିନୋଟି ସ୍ତରରେ ଉପକାର କରେ। ପ୍ରଥମତଃ ସତ୍ ବିଚାର ପୋଷଣ କରିଥିବା ବ୍ୟକ୍ତିର ମାନସିକ ବିକାଶ ଘଟେ, ଫଳରେ ସେ ଉପକୃତ ହୁଏ। ଦ୍ୱିତୀୟତଃ ଯେଉଁ ବ୍ୟକ୍ତିଙ୍କ ବିଷୟରେ ସତବିଚାର ପୋଷଣ କରାଯାଏ ତାଙ୍କର ମଙ୍ଗଳ ସାଧିତ ହୁଏ। ତୃତୀୟତଃ ସତ ବିଚାର ସର୍ବସାଧାରଣଙ୍କର ମନୋରାଜ୍ୟରେ ସତ ପ୍ରଭାବ ପକାଇ ସକଳ ଲୋକଙ୍କର ମଙ୍ଗଳ ସାଧନ କରେ।' ଅନ୍ୟର ବ୍ୟାପାରରେ ହସ୍ତକ୍ଷେପ କରିବା ଉଚିତ ନୁହେଁ । ସେତିକିବେଳେ ହସ୍ତକ୍ଷେପ କରିବା ଉଚିତ ଯେତେବେଳେ ଜଣେ ନିଃସନ୍ଦେହ ଯେ ସେ ବିଭୁକୃପାରୁ ସତ୍ୟଦୃଷ୍ଟି ପାଇଛି ଓ ତା'ର ପରିଣାମସ୍ୱରୂପ ଫଳାଫଳ ସମ୍ବନ୍ଧରେ ତା'ର ଜ୍ଞାନ ଅଛି । ସେ ଯଦି ବାସ୍ତବରେ ଭବିଷ୍ୟଦ୍ରଷ୍ଟା ହୋଇଥିବ ତେବେ ସେ ଆତ୍ମବିଶ୍ୱାସର ସହ ଅନ୍ୟ କାର୍ଯ୍ୟରେ ହସ୍ତକ୍ଷେପ କରିପାରିବ । ବାସ୍ତବରେ ଆମେ କେବଳ ଏତିକି କରିପାରୁ ସାଧକମାନଙ୍କର ଅନୁଭବସିଦ୍ଧ ବାକ୍ୟରୁ କିଛି ଶିକ୍ଷା କରି ତାହାକୁ ଉଦ୍ଧାର କରିପାରୁ । କାରଣ ସେମାନେ ସ୍ୱୟଂସିଦ୍ଧ, ବିଚକ୍ଷଣ, ନିରପେକ୍ଷ ବିଚାର କରିବାରେ ସମର୍ଥ; କିନ୍ତୁ ଯେଉଁ ମଣିଷ ଆବେଗ, ମାୟା, କାମନା, ବାସନା, ଶୋକ, ପ୍ରତିକ୍ରିୟାରୁ ନିଜକୁ ମୁକତ କରିପାରି ନାହିଁ, ସେ ଯଦି ଅନ୍ୟକୁ ଉପଦେଶ ଦିଏ ତେବେ ଅନ୍ଧ ଅନ୍ଧକୁ ବାଟ କଢ଼ାଇବା ଅବସ୍ଥା ହେବ । ତେଣୁ ସର୍ବାନ୍ତକରଣରେ ଆଗ ନିଜକୁ ଏ ସମସ୍ତ ନିମ୍ନତର ଗୁଣାବଳୀଠାରୁ ଊର୍ଦ୍ଧ୍ୱକୁ ନେଇଯିବାକୁ ପଡ଼ିବ ।

ସେହି କାର୍ଯ୍ୟଟି ନିଷ୍ଠାର ସହ କରିବା ପାଇଁ ଆଧାତ୍ମବାଦରେ ବିଶ୍ୱାସ ରଖି ଏକାଗ୍ରତା ସହକାରେ ବିଭୁ ଶରଣାପନ୍ନ ହେବାକୁ ପଡ଼ିଥାଏ । ଯେ ପର୍ଯ୍ୟନ୍ତ ଆମେ ଇନ୍ଦ୍ରିୟମାନଙ୍କୁ ବଶୀଭୂତ କରିବାରେ ସମର୍ଥ ହୋଇନାହୁଁ, ସେ ପର୍ଯ୍ୟନ୍ତ ଏ ସଂସାରରେ ଜଣେ ବ୍ୟକ୍ତି କି ଅବସ୍ଥାରେ ଅଛି, କି ପ୍ରତିକୂଳ ପରିସ୍ଥିତି ସହ ତାକୁ ଲଢ଼େଇ କରିବାକୁ ପଡୁଛି ତା'ର ପରିବେଶକୁ ଅନୁଶୀଳନ କରିବାର ସାମର୍ଥ୍ୟ ନଥିବା ସାଧାରଣ ମଣିଷର କି ଅଧିକାର ଅଛି ତାକୁ ପରାମର୍ଶ ଦେବାକୁ ? ଅହଙ୍କାର ମଦମତ୍ତ ସବ୍‌ଜାନ୍ତା ମଣିଷ ହିଁ ଏହିଭଳି ଅନଧିକାର ଚର୍ଚ୍ଚା କରିପାରେ । ତେଣୁ ସର୍ବପ୍ରଥମ କର୍ତ୍ତବ୍ୟ ହେଲା ବହୁ ଦୋଷ ଗୁଣରେ ପରିପୂର୍ଣ୍ଣ ମାୟାଜଗତରେ ଆତଯାତ ହେଉଥିବା ମଣିଷ ଆଉ ଜଣେ ମଣିଷକୁ ବିଚାର କରିବାକୁ ସମର୍ଥ ନୁହେଁ। କେବଳ ଭଲ ପାଇବାକୁ ସମର୍ଥ । କରୁଣା ପ୍ରଦାନରେ ସମର୍ଥ, ଶ୍ରଦ୍ଧା କରିବାକୁ ସମର୍ଥ। ନିଜେ ସଦ୍‌ଗୁଣାବଳୀରେ ଭୂଷିତ ହେଲେ, ପ୍ରଜ୍ୱଳିତ ପ୍ରଦୀପ ପରି ଜଳିପାରିଲେ ସିନା ଅନ୍ଧକାରରେ ଥିବା ବ୍ୟକ୍ତିମାନଙ୍କୁ ଆଲୋକ ଦେଖାଇ ପାରିବା। ଜୀବନକୁ ସୁନ୍ଦର କରିବାର ଏକମାତ୍ର ଉପାୟ ହେଲା ଜଗତକୁ ଭଲ ପାଇବା, ଦିବ୍ୟ ଅନୁଭୂତିରେ ନିଜକୁ ପବିତ୍ର କରିବା, ଆନନ୍ଦ ଜଗତରୁ ଆନନ୍ଦ ଆହରଣ କରିବାର ଶକ୍ତି ସଂଗ୍ରହ କରିବା, ଗୋଟିଏ କ୍ଷୁଦ୍ର ସୁନ୍ଦର କର୍ମକରି ତହିଁରୁ ଦିବ୍ୟ ଅନୁଭବ ଲାଭ କରିବା । ଗଭୀର ବିଶ୍ୱାସ ଓ ଭଲ ପାଇବା ସହ ନୈତିକ ନିୟମାବଳୀକୁ ପାଳନ କଲେ ଚିତ୍ତ ଶୁଦ୍ଧ ହେବ, ଆଧାତ୍ମିକ ଦୃଷ୍ଟିକୋଣରୁ ବିଚାର କଲେ ନୈତିକତା ଚିହ୍ନି ହେବ, କପଟଶୂନ୍ୟ, ନୀତି ଆଧାରିତ ଶୁଦ୍ଧ ଜୀବନର ଅଧିକାରୀ ହେବା ସହଜସାଧ ନୁହେଁ; ବରଂ ଅତ୍ୟନ୍ତ ଆୟାସସାଧ, କିନ୍ତୁ ଅସମ୍ଭବ ନୁହେଁ । ଆତ୍ମନିୟନ୍ତ୍ରଣ କ୍ଷମତା ରହିଲେ, ଇନ୍ଦ୍ରିୟମାନଙ୍କୁ ବଶ କରିପାରିଲେ, ଧୈର୍ଯ୍ୟଶୀଳ ହେଲେ, ବିଭୁପ୍ରେମରେ ହୃଦୟ ପରିପୂର୍ଣ୍ଣ କଲେ ମଣିଷ ସଦିଚ୍ଛାକୁ କ୍ରିୟାଶୀଳ କରିପାରେ । ଆତ୍ମସଂଯମ ଏଥିନିମନ୍ତେ ସର୍ବପ୍ରଥମ ସର୍ତ୍ତ ।ମନକୁ ନିଷ୍କର୍ମା କରି ରଖନ୍ତୁ ନାହିଁ। ତାକୁ ସର୍ବଦା କୌଣସି ନା କୌଣସି କାର୍ଯ୍ୟରେ ନିଯୁକ୍ତ କରି ରଖନ୍ତୁ। ତେବେ ଯାଇଁ ମନରେ କୌଣସି ଦୁର୍ଭାବନା ପ୍ରବେଶ କରିବ ନାହିଁ। ଶୂନ୍ୟ ନିଷ୍କର୍ମା ମନ ହେଉଛି ଶଇତାନର ଶାଳ। ତେଣୁ ପ୍ରତିମୁହୂର୍ତ୍ତରେ ମନ ଉପରେ ତୀକ୍ଷ୍ଣଦୃଷ୍ଟି ରଖନ୍ତୁ। ନିଜକୁ ସର୍ବଦା କୌଣସି ଏକ କର୍ମରେ ଲଗାଇ ରଖନ୍ତୁ। ବାଜେ କଥା ଓ ଅଯଥା ଗପସପ କରନ୍ତୁ ନାହିଁ। ମନକୁ ସର୍ବଦା ଗୀତା, ଉପନିଷଦ, ଯୋଗବାଶିଷ୍ଟପରି ସଦଗ୍ରନ୍ଥମାନଙ୍କରେ ଦିଆଯାଇଥିବା ବିଚାରରେ ପୂର୍ଣ୍ଣ କରି ରଖନ୍ତୁ।

+ଆଇନଜୀବୀ,
ବଙ୍ଗାଳିସାହି, କଟକ,
ମୋ: ୭୩୨୫୯୦୪୯୨୭



### ପାଣିକାଚ

ସୁରେଶ କୁମାର ନାୟକ

ଶାଳ ପିଆଶାଳ ନୁହେଁ କି
ବେଲ ସାହାଡା,
କେରାଏ ଦୂବଘାସ ଭଳି
ଝଡି ମରୁଡ଼ି ବର୍ଷା ବତାସ ସହି
ବୟସୀ ହାତରେ ପଲ୍ଲବୁଥାଏ
ମାଳେ ପାଣିକାଚ ।

ବାଡୁଅ ଫୁଙ୍ଗୁଳା ହାତରେ ମୁଠେ
ପାଣିକାଚ
ଅନ୍ତରଙ୍ଗ ଅତୀତ ପାଇଁ ମନ୍ତ୍ରିତ କବଚ
ଜୀବନ ଯୁଦ୍ଧରେ ଫର୍ଦ୍ଦେ ସନ୍ଧିପତ୍ର ।

ପାଣିକାଚର ଭୂର୍ଜପତ୍ରରେ ଲେଖାଥାଏ
ଜଣଙ୍କର ଜୀବନ ନାଟକ
ରୁଣୁଝୁଣୁ ସଙ୍ଗୀତର ତାଳେତାଳେ
ଘରର ଚାରିକାନ୍ଥ ଭିତରେ ମଞ୍ଚସ୍ଥ
ହେଉଥାଏ
ହସ-କାନ୍ଦର ସାମାଜିକ ନାଟକ ।
ସୁନ୍ଥାରେ ସିନ୍ଦୂର ଭରୁଥିବା ଟିପକୁ
ପାଣିକାଚରେ ବୋଳିଦେଲେ
ବେଧଡକ ଗଡୁଥାଏ ସଂସାରର ଚକ ।

କୁଆଁରୀ ମନର ଅସୁମାରୀ ସ୍ୱପ୍ନ
ସଂସାରୀପଣରେ ଗୋଟିଗୋଟି
ତୁଟିଯିବା ପରି
କେବେ ପଟେ ତୁଟିଯାଏ
ରାତି ଶେଯରେ
ତ କେବେ କୂଅ ଚାନ୍ଦିନୀରେ ବାସନ
ମଜାରେ ।
ଛାତିରୁ ଅତଡାଟିଏ ଖସିଯାଏ ଅଜଣା
ଆତଙ୍କରେ
ମହାମୃତ୍ୟୁଞ୍ଜୟ ମନ୍ତ୍ର ଆପେ
ଉତୁରିପଡେ ତୁଣ୍ଡରେ ।

ପାଣିକାଚ ପଢିପାରେ ମନ ।
ଉଦାସ ମୁହଁ ଦେଖିଲେ ଓଠକୁ ଠାରିଦିଏ
ଚନ୍ଦ୍ରମଲ୍ଲୀ ହୋଇ ଫୁଟିବାକୁ,
ପଣତକୁ କୁହେ ଭରିଦେବାକୁ
ଲକ୍ଷେ ରଜନୀଗନ୍ଧାର ମହକ,
ଛମଛମ ବିଞ୍ଚଣାରେ
ଶୀତଳଉଥିଲାବେଳେ ବଢାଭାତ
ପାଣିକାଚ ମନେମନେ ଗଢୁଥାଏ
ଜଣେ ସମର୍ଥ ପୁରୁଷ ।

କେଇପଟ ପାଣିକାଚ
ଆକାଶେ ଆଶା
ସମୁଦ୍ରେ ସ୍ୱପ୍ନ
ବସୁଧେ ବିଶ୍ୱାସ,
ହୁଏତ କେଇପଟ ମିଳିଯାଇପାରେ
ଖୋଜିଲେ ଜୁଇ ପାଉଁଶ ।

+ ଶତାବ୍ଦୀ ବିହାର, କୃଷକ ବଜାର
ଅଭିନବ ବିଡାନାସୀ, କଟକ-୧୪
ମୋ - ୬୩୭୨୭ ୯୪୫୦୬

# ଜଳେଶ୍ୱରରେ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ




ଜଳେଶ୍ୱର,୨୨/୫(ନି. ପ୍ର): ଗତ ଏପ୍ରିଲ ୨୨ରେ ଜମ୍ମୁ ଓ କାଶ୍ମୀରର ପହଲଗାମରେ ଆତଙ୍କବାଦୀଙ୍କ ଆକ୍ରମଣ ଯୋଗୁଁ ୨୬ଜଣ ପର୍ଯ୍ୟଟକଙ୍କର ମୃତ୍ୟୁ ଘଟିଥିଲା।ଏହି ଆକ୍ରମଣ ପରେ ପାକିସ୍ତାନ ଏବଂ ପାକ୍ ଅଧିକୃତ କାଶ୍ମୀରରେ ଆତଙ୍କବାଦୀ ଆଡ୍ଡା ଉପରେ ଭାରତୀୟ ସେନା ପକ୍ଷରୁ 'ଅପରେସନ୍ ସିନ୍ଦୂର' ଜରିଆରେ ଆତଙ୍କବାଦୀଙ୍କୁ କଡ଼ା ଜବାବ ଦିଆଯାଇଥିଲା।ଆତଙ୍କବାଦ ବିରୋଧ ଲଢ଼େଇ 'ଅପରେସନ ସିନ୍ଦୂର'ର ସଫଳତାରେ ଆମ ବୀର ଓ ସାହସୀ ଯବାନମାନଙ୍କର ଶୌର୍ଯ୍ୟ, ବୀରତ୍ୱ ଓ ପରାକ୍ରମ ସମଗ୍ର ଦେଶବାସୀଙ୍କୁ ଗର୍ବିତ କରିଛି।ଭାରତୀୟ ସେନାର ଏହି ଅସୀମ ତ୍ୟାଗ ଓ ବଳିଦାନକୁ ସମ୍ମାନ ଜଣାଇ ରାଷ୍ଟ୍ରୀୟ ସୁରକ୍ଷା ନାଗରିକ ସମାଜ ତରଫରୁ ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଜଳେଶ୍ୱର ବଡ଼ବଜାର ଡାକବଙ୍ଗଳା ଠାରୁ ବସ ଷ୍ଟାଣ୍ଡ ପର୍ଯ୍ୟନ୍ତ ଆୟୋଜିତ "ପରାକ୍ରମ ଶୋଭାଯାତ୍ରା"ରେ ଭାରତୀୟ ଜନତା ପାର୍ଟିର ବହୁ କାର୍ଯ୍ୟକର୍ତ୍ତା ଏବଂ ସ୍ଥାନୀୟ ଜନସାଧାରଣଙ୍କ ସହ ସାମିଲ ହୋଇଛନ୍ତି।'ଅପରେସନ ସିନ୍ଦୂର' ଜରିଆରେ ଭାରତର ପରାକ୍ରମକୁ ସାରା ବିଶ୍ୱ ଦେଖିଛି। ଭାରତର ଯବାନମାନେ ନିଜର ପରାକାଷ୍ଠା ଦେଖାଇବା ସହ ନିପୁଣତା ସହକାରେ ଆତଙ୍କବାଦୀ ତଥା ସେମାନଙ୍କୁ ପ୍ରଶୟ ଦେଉଥିବା ପାକିସ୍ତାନୀ ତତ୍ତ୍ୱ ମାନଙ୍କୁ ଉଚିତ୍ ଜବାବ୍ ଦେଇଛନ୍ତି। ଭାରତୀୟ ସେନାର ପରାକ୍ରମ ସମଗ୍ର ଦେଶବାସୀଙ୍କୁ ଗର୍ବିତ କରିଥିବା ବେଳେ ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ନେତୃତ୍ୱରେ ଭାରତ ସାମରିକ ଶକ୍ତି କ୍ଷେତ୍ରରେ ବିଶ୍ୱରେ ନୂତନ ପରିଚୟ ସୃଷ୍ଟି କରିଛି। ଆଜିର ଏହି ଶୋଭାଯାତ୍ରାରେ ବିଭିନ୍ନ ବର୍ଗର ଜନସାଧାରଣଙ୍କ ବିପୁଳ ସମାଗମ ପ୍ରତିଟି ଭାରତୀୟଙ୍କ ଅଗାଢ଼ ଦେଶପ୍ରେମ ଏବଂ ସେନା ପ୍ରତି ଥିବା ସମ୍ମାନକୁ ଦର୍ଶାଉଛି। ଆମର ଏହି ଏକତା ଏବଂ ଜାତୀୟତା ଭାବ ହିଁ ସେନାର ମନୋବଳକୁ ଆହୁରି ସୁଦୃଢ଼ କରିବ।ପରାକ୍ରମ ଶୋଭାଯାତ୍ରା ଆତଙ୍କବାଦ ବିରୁଦ୍ଧରେ ଦେଶର ଅଭିଯାନକୁ ଆହୁରି ସଶକ୍ତ କରିବ। ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ସମସ୍ତ ଭାରତୀୟ ଯେତେବେଳେ ତ୍ରିରଙ୍ଗା ତଳେ ଏକଜୁଟ୍ ହେବେ ସେତେବେଳେ ବିଶ୍ୱର କୌଣସି ଦୁଷ୍ଟ ଶକ୍ତି ଆମକୁ ପ୍ରତିହତ କରିପାରିବ ନାହିଁ। ଏହି ତ୍ରିରଙ୍ଗା ଯାତ୍ରାରେ ପ୍ରାକ୍ତନ ବ୍ଲକ ଉପାଧ୍ୟକ୍ଷ ତଥା ବିଜେପିର ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ନେତା ବ୍ରଜମୋହନ ପ୍ରଧାନ, ଫାଲଗୁନୀ ପାଣିଗ୍ରାହୀ, ଯୁବନେତା ଶ୍ରୀକଣ୍ଠ ମହାନ୍ତି, ପ୍ରାକ୍ତନ ସମିତି ସଭ୍ୟ ରାଜେନ୍ଦ୍ର ପାତ୍ର, କାଉନସିଲର ଚନ୍ଦନ ଦାସ, ଶ୍ରୀକୃଷ୍ଣ ଗୁପ୍ତା, ସୁମତି ଦେ, ଚନ୍ଦନା ଦାସ, ଆରତୀ ଦାସ, ରବିନ୍ଦ୍ର ପାତ୍ର,କାଳିଚରଣ ଦାସ, ରାଜେଶ ଖଟୁଆ, ବିଶ୍ୱ ଭୂଷଣ ଦାସ, ସୁକୁମାର ରଣା, ସୁବ୍ରତ ବେରା, ସେକ ହସିରୁଦ୍ଦିନ ବକ୍ସ, ନବୀନ ସାମଲ, ସତ୍ୟ କର, ତ୍ରିଲୋଚନ ଦାସ, ଭୁପତି ମିର୍ଦ୍ଧା, ଅନନ୍ତ ଦାସ, ଦେବଯାନୀ ଅଣ୍ଡିଆ, ଶ୍ରୀମନ୍ତ ଘୋଷ, ନିମାଇଁ ଚରଣ ପ୍ରଧାନ ଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।

# ଜୀ ସାର୍ଥକରେ ଦେଖନ୍ତୁ ସାବିତ୍ରୀ ବ୍ରତ ସ୍ପେସିଆଲ ଫିଲ୍ମ 'ସତ୍ୟବାନର ସ୍ୱର୍ଗଯାତ୍ରା' ଏଇ ରବିବାର ସନ୍ଧ୍ୟା ୬:୩୦ରେ




ଭୁବନେଶ୍ୱର,୨୨/୫(ନି. ପ୍ର): ଓଡିଶାର ଏକ ନମ୍ବର ମନୋରଂଜନ ଚ୍ୟାନେଲ, ଜୀ ସାର୍ଥକ ସବୁବେଳେ ଓଡ଼ିଆଙ୍କ ପସନ୍ଦକୁ ଗୁରୁତ୍ୱ ଦେଇ ଆସିଛି । ଦର୍ଶକେ ଦେଖିବାକୁ ଭଲ ପାଉଥିବା କାହାଣୀକୁ ଆଧାରିତ କରି ଅନେକ ଧାରାବାହିକ ସହିତ ବାସ୍ତବବାଦୀ ଫିଲ୍ମ ଦର୍ଶକଙ୍କୁ ଭେଟି ଦେଇଛି ଏହି ଚ୍ୟାନେଲ । ସେହିପରି ଏକ ହାସ୍ୟଭରା ଓ ମନୋରଞ୍ଜନ ଭିତ୍ତିକ କାହାଣୀକୁ ନେଇ ଆସୁଛି ଫିଲ୍ମ 'ସତ୍ୟବାନର ସ୍ୱର୍ଗଯାତ୍ରା' କେବଳ ଜୀ ସାର୍ଥକରେ ଆସନ୍ତା ରବିବାର ସନ୍ଧ୍ୟା ୬:୩୦ରେ । ସବିତା ଏବଂ ସତ୍ୟବାନ ପାଞ୍ଚ ବର୍ଷ ଧରି ବିବାହିତ ହେଲେ ମଧ ଛୋଟ ଛୋଟ କଥା ପାଇଁ ତାଙ୍କ ଭିତରେ ସବୁବେଳେ ଝଗଡ଼ା ଲାଗିରୁହେ । ଥରେ ସବିତା ଏକ ଟେଲିଭିଜନ ଚାନେଲର ଲୋକପ୍ରିୟ ରିଆଲିଟି ସୋ, ' ସାବିତ୍ରୀ ନମ୍ବର-୧ ' ପ୍ରତିଯୋଗିତାରେ ଭାଗ ନିଅନ୍ତି ଓ ଜିତିବାରେ ସାହାଯ୍ୟ କରିବାକୁ ସତ୍ୟବାନକୁ ଅନୁରୋଧ କରନ୍ତି ଏବଂ ପ୍ରତିଯୋଗିତାର ଆବଶ୍ୟକୀୟ ଜିନିଷଗୁଡ଼ିକର କିଣିବା ପାଇଁ ଏକ ଲମ୍ବା ତାଲିକା ଦିଅନ୍ତି। ଏପଟେ ସତ୍ୟବାନ ଏଇ ସବୁ କାମ କରିବା ଭିତରେ ବହୁତ ହତାଶ ଅନୁଭବ କରନ୍ତି ଏବଂ ମାନେ ମାନେ ଭାବନ୍ତି ଯେ ସେ ସାବିତ୍ରୀଙ୍କ ସତ୍ୟବାନ ପରି ବଞ୍ଚିବା ଅପେକ୍ଷା ମରିବାଟା ଭଲ । ଠିକ୍ ସେହି ସମୟରେ ସେଇ ବାଟ ଦେଇ ଯାଉଥିବା ଯମର ଦୂତମାନେ, ସତ୍ୟବାନଙ୍କ ଆତ୍ମାକୁ ଯମପୁରୀକୁ ନେଇଯାଆନ୍ତି ଓ ପ୍ରକୃତ କାହାଣୀ ସେତେବେଳେ ଆରମ୍ଭ ହୁଏ । ତେବେ କଣ ହେବ ସତ୍ୟବାନ ଓ ସବିତାଙ୍କର । ସତ୍ୟବାନ କଣ ଫେରିବେ ମର୍ତ୍ତ୍ୟକୁ ? ସବିତା କଣ ପ୍ରକୃତ ଜୀବନର ସାବିତ୍ରୀ ହୋଇପାରିବେ ? ଏମିତି ବହୁ ପ୍ରଶ୍ନର ଉତ୍ତର ମିଳିବ ଫିଲ୍ମର ଶେଷରେ । କ୍ଷୀରୋଦ ପଟ୍ଟନାୟକଙ୍କ ପ୍ରଯୋଜନା ଓ ଅଜୟ ରଥଙ୍କ ନିର୍ଦ୍ଦେଶନାରେ ନିର୍ମିତ 'ସତ୍ୟବାନର ସ୍ୱର୍ଗଯାତ୍ରା' ଆସନ୍ତା ମେ ମାସ ୨୫ ତାରିଖ ରବିବାର ସଂଧ୍ୟା ୬.୩୦ ମିନିଟରେ କେବଳ ଜୀ ସାର୍ଥକରେ ଦେଖିବାକୁ ମିଳିବ। ଏହି ଫିଲ୍ମରେ ମୁଖ୍ୟ ନାୟକ ଭାବରେ ଶ୍ରିଜୀତ ଓ ନାୟିକା ଭାବରେ ଅନନ୍ୟା ନଜର ଆସିବେ। ସିନେମାରେ ସଂଗୀତ ଦାୟିତ୍ୱ ପ୍ରଶାନ୍ତ ପାଢୀ ସମ୍ଭାଳିଥିବା ବେଳେ ବିଷ୍ଣୁ ମୋହନ କବି, ସ୍ୱୟମ ପାଢୀ ଓ ଅର୍ପିତା ଚୌଧୁରୀଙ୍କ ପରି ଲୋକପ୍ରିୟ କଳାକାରମାନେ କଣ୍ଠଦାନ କରିଛନ୍ତି। ଗୀତ ରଚନା କରିଛନ୍ତି ନିର୍ମଳ ନାୟକ ଓ କାହାଣୀ ଲେଖିଛନ୍ତି ପ୍ରିୟବ୍ରତ ପଣ୍ଡା ଓ ମାନସ ମଲ୍ଲିକ । ତେବେ ଫିଲ୍ମକୁ ଦେଖିବା ସହିତ ଭଲପାଇବା ଦେବାକୁ ଅନୁରୋଧ କରିଛନ୍ତି ଜୀ ସାର୍ଥକର ଚିଫ ଚ୍ୟାନେଲ ଅଫିସର୍ ପ୍ରତୀକ ସିଲ୍। ସେ କହିଛନ୍ତି ଯେ ଏହି କାହାଣୀ ଓଡ଼ିଶାର ସମସ୍ତ ନାରୀ ମାନଙ୍କ ମଧ୍ୟରେ ନିଶ୍ଚୟ ଆଦୃତ ହେବ ସହ ଭରପୁର ମନୋରଞ୍ଜନ ଯୋଗାଇବ ।

# ବିଶ୍ୱ ଯୋଗ ଦିବସ ଅବ୍ୟବହିତ ପୂର୍ବରୁ ଯୋଗଯାତ୍ରା



ବାଲେଶ୍ୱର,୨୨/୫(ନି. ପ୍ର): ଆଜି ପ୍ରଭାତରେ ଆନ୍ତର୍ଜାତିକ ଯୋଗ ଦିବସ ଜୁନ୍ ୨୧ ତାରିଖକୁ ଠିକ୍ ଏକ ମାସ ରହିଥିବାରୁ ଅବଗଣନା ଉତ୍ସବ ସ୍ୱରୂପ ଏକ ଯୋଗଯାତ୍ରାର ଜାଗରଣ ଲୋକ ମାନଙ୍କ ମଧ୍ୟରେ ଉଦ୍ରେକକରାଇବା ପାଇଁ ହୋଲିଷ୍ଟିକ ହିଲିଙ୍ଗ ଯୋଗ ଶିକ୍ଷା କେନ୍ଦ୍ର ବାଲେଶ୍ୱର ତରଫରୁ ଆୟୋଜିତ କରାଯାଇଥିଲା । ଯୋଗ କେନ୍ଦ୍ରର ସାଧକ ସାଧିକା ଏକ ଶୋଭାଯାତ୍ରାରେ ଯୋଗର ସ୍ଲୋଗାନ ମାନ ଦେଇ ସହର ପରିକ୍ରମା କରିଥିଲେ । ଲୋକମାନଙ୍କର ଉତ୍ସୁକତା ସ୍ୱରୂପ ସମସ୍ତଙ୍କୁ ଯୋଗ ଚିକିତ୍ସା ମାଧ୍ୟମରେ କିଭଳି ସମସ୍ତେ ସୁସ୍ଥତା ପାଇ ପାରିବେ ସେ ବିଷୟରେ ପଥପ୍ରାନ୍ତ ଯୋଗ ଶିବିର ମାଧ୍ୟମରେ ବୁଝାଇଥିଲେ । ସମସ୍ତ ବିଶ୍ୱବାସୀଙ୍କୁ ଯୋଗ ଯେ ଏକ ଅଦ୍ୱିତୀୟ ଚିକିତ୍ସା ପଦ୍ଧତି ଓ ଯାହା ମାଧ୍ୟମରେ ସମସ୍ତ ପ୍ରକାର ରୋଗର ସମାଧାନ ହେବା ସହିତ ଏକ ସୁସ୍ଥ ବିଶ୍ୱ ଗଠନରେ ସହାୟକ ହୋଇ ପାରିବ ସେହି ସଚେତନତା ପାଇଁ ଆସନ୍ତା ଜୁନ୍ ୨୧ ତାରିଖ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୁଏ । ଆଜକୁ ଆଉ ମାତ୍ର ୩୦ ଦିନ ବାକି ରହିଥିବାବେଳେ ଆଜିଠାରୁ ଲୋକମାନଙ୍କ ମଧ୍ୟରେ ସେହି ଯୋଗୀ ହେବାର ଭାବନାକୁ ଜାଗ୍ରତ କରିବା ପାଇଁ ଏଭଳି ଏକ ପଦକ୍ଷେପ ନିଆଯାଇଥିଲା । ଯୋଗକେନ୍ଦ୍ରର ସମସ୍ତ କର୍ମକର୍ତ୍ତା ସାଧକ ସାଧିକା ଏଥିରେ ଭାଗ ନେଇଥିଲେ ।

## ୪୦ଗ୍ରାମର ବ୍ରାଉନ ସୁଗର ଜବତ

ଭୁବନେଶ୍ୱର, ୨୨/୫ (ନି.ପ୍ର): ମୈତ୍ରି ବିହାର ଥାନା ଅଂଚଳରୁ ୪୦ଗ୍ରାମର ବ୍ରାଉନ ସୁଗର ଜବତ କରିଛି କମିଶନରେଟ୍ ପୋଲିସ୍ । ଏହି ମାମଲାରେ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ସ୍କୁଟି ଓ ମୋବାଇଲ ଜବତ କରାଯାଇଛି। ଗିରଫ ଅଭିଯୁକ୍ତ ମାନେ ହେଲେ ଚନ୍ଦନ ବେଉରିଆ, ଡି ରାଜା, କିଶୋର ଲେଙ୍କା ଓ ହରବନ୍ଧୁ ପ୍ରଧାନ। ଗିରଫ ଅଭିଯୁକ୍ତ ମାନଙ୍କ ନାଁରେ କମିଶନରେଟ ପୋଲିସର ବିଭିନ୍ନ ଥାନାରେ ମାମଲା ରହିଛି।ଏସମ୍ପର୍କରେ ସୂଚନା ଦେଇ ଭୁବନେଶ୍ୱର ଡିସିପି ଜଗମୋହନ ମିନା କହିଛନ୍ତି ଅଭିଯୁକ୍ତମାନେ ଭୁବନେଶ୍ୱରର ବିଭିନ୍ନ ବସ୍ତି ଅଂଚଳରେ ବ୍ରାଉନ ସୁଗର ବିକ୍ରି କରିବା ପାଇଁ ଆଣିଥିଲେ ।

# ବାସୁଦେବପୁର ନଗର ମଣ୍ଡଳ ପକ୍ଷରୁ ତ୍ରିରଙ୍ଗା ଯାତ୍ରା

ବାସୁଦେବପୁର,୨୨/୫(ନି. ପ୍ର): ବାସୁଦେବପୁର ନଗର ମଣ୍ଡଳ ପକ୍ଷରୁ ତ୍ରିରଙ୍ଗା ଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଅପରେସନ ସିନ୍ଦୂର ର ଭାରତୀୟ ସେନଙ୍କ ସାହସ ଓ ଦେଶପ୍ରେମ କୁ ସମ୍ମାନ ଜଣାଇ ବାସୁଦେବପୁର ଭାରତୀୟ ଜନତା ପାର୍ଟି ନଗର ମଣ୍ଡଳ ତ୍ରିରଙ୍ଗା ଶୋଭାଯାତ୍ରା ମାଧ୍ୟମରେ ଭାରତୀୟ ସେନାଙ୍କ ମନୋବଳ ବଢ଼ାଇଛି। ମଣ୍ଡଳ ସଭାପତି ଆଶୁତୋଷ ସାମଲଙ୍କ ନେତୃତ୍ୱରେ ମାତାଜୀ ମଠ ଠାରୁ ଶୋଭାଯାତ୍ରା ବାହାରି ତାରିଣୀ ଛକ ରେ ପହଞ୍ଚି ଥିଲା। ସମସ୍ତେ ସ୍ଲୋଗାନ ଦେଇଥିଲେ ଭାରତ ମାତା କି ଜୟ, ବନ୍ଦେ ମାତରଂ। ଏହି ତ୍ରିରଙ୍ଗା ଶୋଭାଯାତ୍ରାରେ ବିଜେପିର ପୂର୍ବତନ ବ୍ଲକ୍ ସଭାପତି ଉମାକାନ୍ତ ଖୁଣ୍ଟିଆ, ବରିଷ୍ଠ କର୍ମୀ ମଧୁସୁଦନ ପାଢୀ, ପୁର୍ବତନ କାଉନ ସିଲର ଭଗବାନ ମହାନ୍ତି, ଜୟ ପ୍ରକାଶ ମଲ୍ଲିକ, ବିଦ୍ୟାଧର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏହି ଯାତ୍ରାକୁ ସମର୍ଥନ କରି ପୂର୍ବତନ ବାୟୁ ସେନା କର୍ମଚାରୀ କୈଳାସ ଚନ୍ଦ୍ର ନାଥ, ଅବସର ପ୍ରାପ୍ତ ବ୍ୟାଙ୍କ୍ ଅଧିକାରୀ ଓ ସାହିତ୍ୟିକ ଧନେଶ୍ୱର ରାଉତ ପ୍ରମୁଖ ଯୋଗ ଦେଇଥିଲେ ଓ ଭାରତୀୟ ସୈନ୍ୟଙ୍କ ସାହସ କୁ ଆଲୋଚନା କରିଥିଲେ। ଭାରତ ବର୍ଷର ଲୋକପ୍ରିୟ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ୟମକୁ ସମସ୍ତେ ପ୍ରଶଂସା କରିଥିଲେ।

## ବିଏମ୍‌ସି ପକ୍ଷରୁ ୧୪ ନମ୍ବର ୱାର୍ଡରେ ଅଭିଯୋଗ ଶୁଣାଣି

ଭୁବନେଶ୍ୱର, ୨୨/୫ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ (ବିଏମ୍ ସି) ପକ୍ଷରୁ ଆଜି ଥିଲା ଉତ୍ତର ଜୋନ ଅନ୍ତର୍ଗତ ୧୪ ନମ୍ବର ୱାର୍ଡର ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ । ବିଏମ୍ ସି ପକ୍ଷରୁ ଆଜି ୧୪ ନମ୍ବର ୱାର୍ଡ ଅଫିସଠାରେ ଏହି ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ମେୟର ଶ୍ରୀମତୀ ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅଭିଯୋଗ ଶୁଣାଣି ଶିବିରରେ ଗ୍ରୀଭାନ୍ସ ଆଣ୍ଡ ସୋସିଆଲ ଜଷ୍ଟିସ୍ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ଶ୍ରୀମତୀ ବିନୟିନୀ ଜେନା, ସ୍ଥାନୀୟ କର୍ପୋରେଟର ଶ୍ରୀମତୀ ମୋନାଲିସା ସାହୁ, ଉତ୍ତର ଜୋନାଲ କମିଶନର ମନ୍ମଥ ନାୟକ, ସହକାରୀ କମିଶନର ସ୍ମୃତିରଂଜନ ସାହୁ ଓ ବାବୁଲା ଦଳେଇ ସଂପୃକ୍ତ ୱାର୍ଡର ୱାର୍ଡ ଅଫିସର, କନିଷ୍ଠ ଯନ୍ତ୍ରୀ, କମ୍ୟୁନିଟ୍ ଅର୍ଗାନାଇଜର, ସାନିଟାରୀ ଇନ୍ସପେକ୍ଟର, ସ୍ୱଚ୍ଛ ସୁପରଭାଇଜର, ସ୍ୱଚ୍ଛ ସାଥୀ, ଆଦି ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ । ଏହି ଶିବିରରେ ୱାର୍ଡର ସମସ୍ତ ସାହି, ବସ୍ତି, ଆବାସିକ ସଂଗଠନର କର୍ମକର୍ତ୍ତା, ବରିଷ୍ଠ ନାଗରିକ, ଏସ୍‌ଏଚଜିର ସଦସ୍ୟା, ନିଳାଦ୍ରୀ ବିହାର ସେକ୍ଟର ୩ରୁ ୫, ବୁଦ୍ଧ ପାର୍କ ଅଂଚଳ, ଜିଏ ପ୍ଲଟ, ଲୁମ୍ବିନି ବିହାର, ନିଳାଦ୍ରୀ ବିହାର ବସ୍ତି, ରିକ୍ସା କଲୋନୀ, ହରେକୃଷ୍ଣ ବସ୍ତି, ଈଶାନେଶ୍ୱର ବସ୍ତି, ଡିଫେନ୍ସ କଲୋନୀ ଆଦି ଅଂଚଳରୁ ସାଧାରଣ ନାଗରିକ ଉପସ୍ଥିତ ଥିଲେ ।

# ଉତ୍ସବମୁଖର ହୋଇ ଉଠିଲା ଉଦଳା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ

## ନିତିଶଙ୍କୁ ବିଦାୟ ଓ ଦୀପକଙ୍କୁ ସ୍ୱାଗତର ପର୍ବ



ଉଦଳା ,୨୨/୫(ନି. ପ୍ର): ଉଦଳାରେ ଗୋଷ୍ଠୀ ଶିକ୍ଷାଅଧିକାରୀ ଭାବରେ ନିଜର ଦାୟିତ୍ୱ ତୁଲାଉଥିବା ନିତିଶ କୁମାର ଘୋଷଙ୍କର ଏଠାରୁ ବଦଳି ହୋଇ ଯାଇଛି । ସେହିପରି ଏଠାରେ ନୂଆକରି ଗୋଷ୍ଠୀ ଶିକ୍ଷା ଅଧିକାରି ଭାବରେ ଦୀପକ କୁମାର ମିଶ୍ର ଦାୟିତ୍ୱ ଗ୍ରହଣ କରିଛନ୍ତି । ତେବେ ଆଜି ମଇ ୨୧ ତାରିଖ ବୁଧବାର ଦିନ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ବିଦାୟ ନେଉଥିବା ଅଧିକାରୀ ନିତିଶ କୁମାର ଘୋଷଙ୍କୁ ବିଦାୟ ସମ୍ବର୍ଦ୍ଧନା ସହିତ ଅଧିକାରୀ ଦୀପକ କୁମାର ମିଶ୍ରଙ୍କୁ ସ୍ୱାଗତ ଜଣାଇବାର ପର୍ବ ଅନୁଷ୍ଠିତ ହୋଇଯାଇଛି । ଏଥିପାଇଁ କାର୍ଯ୍ୟାଳୟ ପରିସରରେ ସଂଘ ତରଫରୁ ଆୟୋଜିତ ଉତ୍ସବରେ ପ୍ରଥମେ ଦୁଇ ଅଧିକାରୀଙ୍କୁ ଉତରୀୟ ଓ ପୁଷ୍ପଗୁଚ୍ଛ ଅର୍ପଣ କରାଯାଇଥିଲା । ପରେ ପ୍ରାଥମିକ ଶିକ୍ଷକ ସଂଘର ଜିଲ୍ଲା ସଭାପତି ଆରତ କୁମାର ପରିଡ଼ାଙ୍କ ଅଧକ୍ଷତାରେ ଆୟୋଜିତ ସାଧାରଣ ସଭାରେ ସଂଘର ଉଦଳା ବ୍ଲକ ସଭାପତି ଅନ୍ତର୍ଯ୍ୟାମି ବେହେରା, ସଂପାଦକ ଲଳିତ କୁମାର ବେହେରା, ସଂଗଠନ ସଂପାଦକ ସତ୍ୟେନ୍ଦୁ ଜେନା, ମନୋଜ କୁମାର ଖୁଂଟିଆ ପ୍ରମୁଖ ଯୋଗଦେଇ ନିତିଶ କୁମାର ଘୋଷଙ୍କ ସହିତ ବିତାଇଥିବା ଅନ୍ତରଙ୍ଗ ମୁହୂର୍ତ୍ତର ଅନୁଭବ ଗୁଡ଼ିକ ବିସ୍ତୃତ ବର୍ଣ୍ଣନା କରିଥିଲେ । ସେହିପରି ଆଗାମି ଦିନରେ ଦୀପକ କୁମାର ମିଶ୍ରଙ୍କ ନେତୃତ୍ୱରେ ଉଦଳା ଶିକ୍ଷକ ସଂଘ ବେଶ ଦକ୍ଷତାର ସହ ସବୁପ୍ରକାର ପ୍ରତିକୂଳ ପରିସ୍ଥିତିକୁ ମୁକାବିଲା କରିପାରିବ ବୋଲି ଆଶା ବାନ୍ଧିଥିଲେ । ଶେଷରେ ଜିଲ୍ଲା ସଭାପତି ଆରତ କୁମାର ପରିଡ଼ା ଧନ୍ୟବାଦ ଅର୍ପଣ କରିବା ସହ କାର୍ଯ୍ୟକ୍ରମର ଯବନିକା ପକାଇଥିଲେ ।

# ସ୍ୱର୍ଗୀୟ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ୩୪ତମ ଶ୍ରାଦ୍ଧବାର୍ଷିକିରେ ଜିଲ୍ଲା ଯୁବ କଂଗ୍ରେସ ତରଫରୁ ରକ୍ତଦାନ ଶିବିର



ମୟୂରଭଂଜ,୨୨/୫(ନି. ପ୍ର): ସର୍ଗୀୟ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ୩୪ତମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ସର୍ବ ଭାରତୀୟ ଯୁବ କଂଗ୍ରେସର ନିର୍ଦ୍ଦେଶକ୍ରମେ ରାଜ୍ୟ ଯୁବ କଂଗ୍ରେସ ସଭାପତି ରଂଜିତ ପାତ୍ରଙ୍କ ଆହ୍ୱାନରେ ମୟୂରଭଞ୍ଜ ଜିଲ୍ଲା ଯୁବ କଂଗ୍ରେସ ତରଫରୁ ଯୁବ କଂଗ୍ରେସ ସଭାପତି ସରୋଜ ନାଏକଙ୍କ ନେତୃତ୍ୱରେ ବାରିପଦା ଷ୍ଟାଡିୟମ କନଫାରେନ୍ସ ହଲଠାରେ ମୟୂରଭଞ୍ଜ ଜିଲ୍ଲା ଯୁବ କଂଗ୍ରେସ ତରଫରୁ ରକ୍ତଦାନ ଶିବିର ଆୟୋଜିତ ହୋଇଛି । ଉକ୍ତ କାର୍ଯ୍ୟକ୍ରମକୁ ବରିଷ୍ଠ କଂଗ୍ରେସ ନେତା ପ୍ରଭାସ କର ମହାପାତ୍ର ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିବା ବେଳେ କାର୍ଯ୍ୟକ୍ରମକୁ ବାରିପଦା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ପ୍ରାର୍ଥୀ ପ୍ରମୋଦ ହେମ୍ବ୍ରମ ସହଯୋଗ କରିଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ସରସତୀ ହେମ୍ବ୍ରମ, ପୂର୍ବତନ ସି.ଡବ୍ଲ୍ୟୁ.ସି ସଦସ୍ୟ ତଥା ପୂର୍ବତନ ସାଂସଦ ଶୁଶିଳା ଚିରିଆ, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ହେମନ୍ତ ଦାସ ଓ ନିରୋଜ ଲୋଚନ ଦାସ ଏବଂ ବରିଷ୍ଠ କଂଗ୍ରେସ ନେତା ପ୍ରଦୀନ କୁମାର ମିଶ୍ର, ଅଶୋକ ଅଧିକାରୀ, ବିଜୟ କୁମାର ସିଂ, ଜ୍ୟୋତିପ୍ରକାଶ ରଥ, ଶାନ୍ତନୁ ପାଲ, ଚୈତନ୍ୟ ହାଁସଦା ପ୍ରମୁଖ ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ପୂର୍ବତନ ଏସ.ସି. ସେଲ ଅଧକ୍ଷ ଶୋଭାକର ମୁଖି, ବ୍ଲକ କଂଗ୍ରେସ ସଭାପତି ଧୃବେନ୍ଦ୍ର ନାଥ ସି, ରାଜେଶ ପଢିଆରୀ, ଯୁବନେତା ଏମ.ଡି ନାଜିର ଉଲହକ, ମୋହନ ଦାସ, ଅଶୋକ ପଟ୍ଟନାୟକ, ସନାତନ ଦେ, ନିରଂଜନ ଦାସ, ମୋହନ ଦାସ, ଅଜିତ ବେହେରା, ଶୁଭ କୁମାର ମହାନ୍ତ, ବିକ୍ରମ ବର୍ମା, ଅମରଜିତ ବାରିକ, କାର୍ତ୍ତିକ ଦାସ ପ୍ରମୁଖ ସହଯୋଗ କରିଥିଲେ । ଉକ୍ତ ଶିବିରରେ ୫୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି ।

# ନୂଆ ପଦୋନ୍ନତି ନିୟମର ପ୍ରତିବାଦ: ଆନ୍ଦୋଳନକୁ ଓହ୍ଲାଇବେ ଖଇରା ବ୍ଲକର ୩ଶହ ଶିକ୍ଷକ




ଖଇରା,୨୨/୫(ନି. ପ୍ର): ସରକାରଙ୍କ ନୂଆ ତୃଟିପୂର୍ଣ୍ଣ ପଦୋନ୍ନତି ଯୋଗୁଁ ବାଲେଶ୍ୱର ଜିଲା ଖଇରା ବ୍ଲକର ପାଖାପାଖି ୩ଶହ ଶିକ୍ଷକଙ୍କ ପଦୋନ୍ନତି ଅଟକି ରହିଛନ୍ତି । ଏହା ପ୍ରତିବାଦରେ ଉପରୋକ୍ତ ଶିକ୍ଷକ ମାନେ ସରକାରଙ୍କୁ ଘେରିବାକୁ ନିଷ୍ପତ୍ତି ନେଇଛନ୍ତି । ଏହି ପରିପ୍ରେକ୍ଷୀରେ ବୁଧବାର ଖଇରା ବ୍ଲକ ଶିକ୍ଷକ ଭବନରେ ଆୟୋଜିତ ପ୍ରତିବାଦ ସଭା ଏବଂ ସାମ୍ବାଦିକ ସମ୍ମିଳନୀରେ ବିଭିନ୍ନ ଶିକ୍ଷକ ସଂଘର ନେତୃବୃନ୍ଦ ସରକାରଙ୍କୁ ଘେରିବାକୁ ଚେତାବନୀ ଦେଇଛନ୍ତି । ଶିକ୍ଷକ ନେତା ସୁଶାନ୍ତ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ଏହି ପ୍ରତିବାଦ ସଭାରେ ଜିଲ୍ଲାସ୍ତରୀୟ ନେତା ମହେଶ୍ୱର ଚୌଧୁରୀ ଓ ବିଦ୍ୟାଧର ଶିଅଳ,ବ୍ଲକ ନେତା କୈଳାସ ଚନ୍ଦ୍ର ବେହେରା,ବିଜୟ କୁମାର ଦ୍ୱିବେଦୀ,ଜଗନ୍ନାଥ ମହାପାତ୍ର, ନାରାୟଣ ମହାପାତ୍ର, ଲକ୍ଷ୍ମଣ କୁମାର ସେନ, ସୁବାସ ଚନ୍ଦ୍ର ସାହୁ, ଭରତ ଚନ୍ଦ୍ର ଶିଅଳ,ପ୍ରଦୀପ କୁମାର ମହାନ୍ତି,ଲମ୍ବୋଦର ଦାସ, ହଳଧର ସାହୁ ଏବଂ ବୁଦ୍ଧଦେବ ନାୟକ ପ୍ରମୁଖ ଯୋଗ ଦେଇ ଥିଲେ । ପୁର୍ବରୁ ବିଭିନ୍ନ ବିଜ୍ଞପ୍ତି ମାଧ୍ୟମରେ ୨୦୧୧ ମସିହା ପୁର୍ବରୁ ନିଯୁକ୍ତି ପାଇଥିବା ଶିକ୍ଷକ ମାନେ ସରକାରଙ୍କ ସମସ୍ତ ନିୟମ ଆଧାରରେ ଚାକିରି ପାଇଥିବାରୁ ସେମାନଙ୍କ ପାଇଁ ଓଡିଶା ଶିକ୍ଷକ ପ୍ରବେଶିକା ପରୀକ୍ଷା(ଓଟିଇଟି) ଆବଶ୍ୟକ ନଥିବା ଉଲ୍ଲେଖ କରିବା ପରେ ଏବେ ମେ ୩ତାରିଖ ଅତିରିକ୍ତ ଶିକ୍ଷା ସଚୀବଙ୍କ ଚିଠିରେ ଓଟିଇଟି ନାହିଁ ତ ପଦୋନ୍ନତି ନାହିଁ ବୋଲି ଉଲ୍ଲେଖ ହେବା ଏହି ବର୍ଗର ଶିକ୍ଷକଙ୍କୁ ନିରାଶ କରିଛି ।

# ବସ୍ତା ବିଜେପି ପକ୍ଷରୁ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ




ବସ୍ତା,୨୨/୫(ନି. ପ୍ର): ବସ୍ତା ବିଜେପି ପକ୍ଷରୁ ସାରା ଦେଶ ରେ ତ୍ରିରଙ୍ଗା ଯାତ୍ରା ଆୟୋଜନ କରିଥିବା ବେଳେ ଆଜି ଅପରାହ୍ନରେ ବସ୍ତା ବିଜେପି ପକ୍ଷରୁ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଅପରେସନ ସିନ୍ଦୁର ର ସଫଳତା ଏବଂ ଆତଙ୍କବାଦ ବିରୋଧ ରେ ଦେଶର ପ୍ରତିବଦ୍ଧତା ପ୍ରଦର୍ଶନ ବୋଲି କହିଛନ୍ତି ବିଜେପି ଜିଲ୍ଲା ସଭାପତି ପ୍ରଦୀପ କୁମାର ପଣ୍ଡା। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ବିଜେପି ନେତା ଶ୍ୟାମା ପ୍ରସାଦ ବେହେରା, ବିଧାୟକ ପ୍ରାର୍ଥୀ ରବୀନ୍ଦ୍ର ଅଣ୍ଡିଆ, ଜିଲ୍ଲା କୃଷକ ମୋର୍ଚ୍ଚା ଉପସଭାପତି ସୂର୍ଯ୍ୟ ନାରାୟଣ ସାହୁ, ରାଜ୍ୟ ପରିଷଦ ସଦଶ୍ୟ ରବୀନ୍ଦ୍ର ଜେନ, ରଞ୍ଜନ ମହାନ୍ତି, ଦେବାଶିଷ ମହାପାତ୍ର, ହରେନ୍ଦ୍ର ଦାସ, ମଣ୍ଡଳ ସଭାପତି ପ୍ରସନ୍ନ କୁମାର ପଣ୍ଡା, ସୁଶୀଲ ବେହେରା, ଦେବାଶିଷ କବି, କୃଷ୍ଣ ଚନ୍ଦ୍ର ଦତ୍ତ,ନିହାର ରଞ୍ଜନ ବେହେରା, ଦିବାକର ରାଉତ, ଫରନାଲ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ଶୋଭାଯାତ୍ରା ରେ ସାମିଲ ହୋଇଥିଲେ। ଶୋଭାଯାତ୍ରା ବସ୍ତା ଷ୍ଟେସନ ଠାରୁ ବାହାରି ବଜାର ଉପର ଦେଇ ଗାନ୍ଧିଛକ ପର୍ଯ୍ୟନ୍ତ ଦୁଇ କିଲୋମିଟର ଆସିବା ପରେ ଶୋଭାଯାତ୍ରା ଗାନ୍ଧିଛକ ଠାରେ ଶେଷ ହୋଇଥିଲା।

# ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ବାଲେଶ୍ୱର,୨୨/୫(ନି. ପ୍ର): ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଜିଲ୍ଲା ଅଟେ ବାଲେଶ୍ୱର । ତେଣୁ ପ୍ରଶାସନ ଅନେକ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ନେଇ ନିକଟ ଅତୀତରେ ଘଟି ଯାଇଥିବା ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଏହାର ସଠିକ୍ ମୁକାବିଲା କରିପାରିଛି। ଆଜି ସ୍ଥାନୀୟ ଜିଲ୍ଲାପାଳଙ୍କ ନୂତନ ଅଡ଼ିଟରିୟମ ହଲ ଠାରେ ଜିଲ୍ଲା ଜରୁରୀକାଳିନ ବିଭାଗ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୁର ବିକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମାନ୍ୟବର ଭଦ୍ରକ ସାଂସଦ , ଶ୍ରୀଯୁକ୍ତ ଅଭିମନ୍ୟୁ ସେଠୀ, ମାନ୍ୟବର ସାଂସଦ,ବାଲେଶ୍ୱର, ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ପ୍ରତିନିଧି ଶ୍ରୀଯୁକ୍ତ ଶୁଭଙ୍କର ମହାପାତ୍ର, ମାନ୍ୟବର ବିଧାୟକ, ଜଳେଶ୍ୱର, ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ପାତ୍ର, ମାନ୍ୟବର ବିଧାୟକ (ସଦର), ବାଲେଶ୍ୱର, ଶ୍ରୀଯୁକ୍ତ ମାନସ କୁମାର ଦତ୍ତ, ମାନ୍ୟବର ବିଧାୟକ, ଭୋଗରାଇ, ଶ୍ରୀଯୁକ୍ତ ଗୌତମ ବୁଦ୍ଧ ଦାସ, ମାନ୍ୟବର ବିଧାୟିକା, ବସ୍ତା, ଶ୍ରୀମତୀ ସୁବାସିନୀ ଜେନା, ଜିଲ୍ଲା ପରିଷଦ ସଭାପତି, ଶ୍ରୀଯୁକ୍ତ ନାରାୟଣ ଚନ୍ଦ୍ର ପ୍ରଧାନ, ଶାସକ ଦଳର ଉପମୁଖ୍ୟ ସଚେତକ ତଥା ମାନ୍ୟବର ବିଧାୟକ, ରେମୁଣା, ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ପ୍ରତିନିଧି ଶ୍ରୀଯୁକ୍ତ କାର୍ତ୍ତିକ ଚନ୍ଦ୍ର ଗିରି, ମାନ୍ୟବର ବିଧାୟକ, ସୋର, ଶ୍ରୀଯୁକ୍ତ ମାଧବ ଧଡ଼ାଙ୍କ ପ୍ରତିନିଧି ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ମହାପାତ୍ର ଯୋଗ ଦେଇ ଜିଲ୍ଲାର ସମସ୍ତ ଅଞ୍ଚଳରେ ପ୍ରତ୍ୟେକଟି ଆବଶ୍ୟକତା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ,(ରାଜସ୍ୱ) ବାଲେଶ୍ୱର, ଶ୍ରୀଯୁକ୍ତ ହେମନ୍ତ କୁମାର ସିଂ, ଅତିରିକ୍ତ ଜିଲ୍ଲାପାଳ,(ସାଧାରଣ) ବାଲେଶ୍ୱର, ଶ୍ରୀଯୁକ୍ତ ସୁଧାକର ନାୟକ, ବାଲେଶ୍ୱର ସଦର ଉପ ଜିଲ୍ଲାପାଳ ଶ୍ରୀଯୁକ୍ତ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ, ଓ ନୀଳଗିରି ଉପ ଜିଲ୍ଲାପାଳ ଶ୍ରୀମତୀ ଶୁଭଶ୍ରୀ ରଥ,ପୌରପାଳିକା ଗୁଡିକର କାର୍ଯ୍ୟ ନିର୍ବାହୀ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଓ.ଡ୍ରା.ଫ ବାହିନୀ, ସ୍ୱେଚ୍ଛାସେବି ସଂଗଠନ, ଆପଦ ମିତ୍ରସ୍ୱେଚ୍ଛାସେବି, ସିଭିଲ ଡ଼େଫେନ୍ସ, ଅଗ୍ନିଶମ ବିଭାଗ,ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ,ବାଲେଶ୍ୱର ଓ ଜିଲ୍ଲା ପ୍ରକଳ୍ପ ଅଧିକାରୀ,ବାଲେଶ୍ୱର ଏବଂ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀମାନେ ଯୋଗଦାନ କରିଥିଲେ । ଏହି ବୈଠକରେ ସମସ୍ତ ସମ୍ପୃକ୍ତ ବିଭାଗ ଯଥା, ରାସ୍ତା ଓ ଗୃହନିର୍ମାଣ, ପାନୀୟ ଜଳ ଯୋଗାଣ ଓ ପରିମଳ,ଯୋଗାଣ, ଜଳସେଚନ, ବିଦ୍ୟୁତ୍ ଯୋଗାଣ, ବ୍ଲକ ଅଧିକାରୀ, ତହସିଲ ଅଧିକାରୀ,ଅତ୍ୟାବଶ୍ୟକ ସେବା, ଓଡରାଫ୍ ଆଦି ଲାଇନ ବିଭାଗ ମାନେ ଯୋଗଦେଇ ବିପର୍ଯ୍ୟୟ ପ୍ରଶମନ ପ୍ରସ୍ତୁତିରେ ସେମାନଙ୍କର ସ୍ଥିତି ଉପସ୍ଥାପନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ହେମନ୍ତ କୁମାର ସିଂ ବିଷୟ ୱାରି ଆଲୋଚନାର କାର୍ଯ୍ୟସୂଚୀ ପରିଚାଳନା କରିଥିଲେ। ବର୍ତ୍ତମାନ ପରିସ୍ଥିତିରେ ଆମେ ଆହୁରି ଅଧିକ ପ୍ରସ୍ତୁତ ରହିବା ପାଇଁ ସଭ୍ୟ ତଥା ଅତିଥି ମାନେ ମତବ୍ୟକ୍ତ କରିଥିଲେ।

# ଶତପ୍ରତିଶତ ହାସଲ କରିଥିବା ମାସ୍ ଏକାଡେମୀ ଅଫ ସାଇନ୍ସ ସ୍କୁଲର ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଜଳେଶ୍ୱର, ୨୨/୫ (ନି.ପ୍ର): ଯାବତୀୟ ଅଜ୍ଞାନତା ରୂପକ ଅନ୍ଧକାରକୁ ଦୂର କରି ନୂତନତ୍ୱ ପ୍ରଦାନ ପୂର୍ବକ ଶିଷ୍ୟର ଜୀବନକୁ ଧନ୍ୟ କରିଥାଏ ଗୁରୁଟିଏ। ଶିଷ୍ୟ ମଧ ଗୁରୁଙ୍କ ସାନ୍ନିଧ୍ୟରେ ନିଜର ଅନ୍ତର୍ନିହିତ ଗୁଣାବଳି ପରିସ୍ଫୁଟ କରି ଦୁନିଆରେ ଶ୍ରେଷ୍ଠ ହୋଇଥାଏ ବୋଲି ଜଳେଶ୍ୱର ପୁରୁଣା କୋର୍ଟ ବାଜାର ଠାରେ ୨୦୨୩ ମସିହାରେ ଗଢି ଉଠିଥିବା ମାସ ଏକାଡେମୀ ଅଫ ସାଇନ୍ସ ସ୍କୁଲର ପ୍ରଥମ ବର୍ଷର ପ୍ରଥମ ବ୍ୟାଚ ଛାତ୍ରଛାତ୍ରୀଙ୍କ ୧୦୦ ଶତକଡା ସଫଳତା ହାସଲ ପାଇଁ ଅନୁଷ୍ଠିତ ହୋଇଥିବା ସମ୍ବର୍ଦ୍ଧନା ଉତ୍ସବରେ ଅତିଥି ମାନେ ବକ୍ତବ୍ୟ ପ୍ରଦାନ କରିଥିଲେ।ଉକ୍ତ ଉତ୍ସବରେ ଶିକ୍ଷାଅନୁଷ୍ଠାନର ପ୍ରତିଷ୍ଠାତା ତ୍ରିଲୋଚନ ଦାସ ଅଧିକାରୀ ସଭାପତିତ୍ୱ କରିଥିଲେ।ସଙ୍କଳ୍ପ ହେଉଛି ସେହି ଶକ୍ତି ଯାହା ଆମକୁ ଆମର ସମସ୍ତ ନିରାଶା ଏବଂ ବାଧାବିଘ୍ନକୁ ଦୂର କରିଥାଏ।ଏହା ଆମର ଇଚ୍ଛାଶକ୍ତି ନିର୍ମାଣରେ




ସାହାଯ୍ୟ କରେ ଯାହା ସଫଳତାର ଆଧାର ହୋଇଥାଏ ବୋଲି ଏମ୍ ଡି ଆଦିକନ୍ଦ ଦାସ ଅଧିକାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।ତୁମର ପ୍ରଥମ ବିଜୟ ପରେ ବିଶ୍ରାମ କର ନାହିଁ,କାରଣ ଯଦି ତୁମେ ଦ୍ୱିତୀୟ ଥର ବିଫଳ ହୁଅ,ତେବେ ଅନେକ ଲୋକ ଏହା କହିବାକୁ ଅନେଇ ବସିଥିବେ ଯେ ତୁମର ପ୍ରଥମ ବିଜୟ କେବଳ ଭାଗ୍ୟ ଥିଲା ବୋଲି ହରିଶ୍ଚନ୍ଦ୍ର ମହାପାତ୍ର,ଶ୍ରୀମନ୍ତ ପାତ୍ର, ଭୂପତି ଚରଣ ଜେନା,ଶଶିଧର ବେହେରା,ଅମିତ୍ କୁମାର ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କୁ ଉପଦେଶ ଦେଇଥିଲେ। ମାସ୍ ଏକାଡେମୀ ଅଫ ସାଇନ୍ସ ସ୍କୁଲର ପ୍ରଥମ ବର୍ଷର ପ୍ରଥମ ବ୍ୟାଚରେ ମୋଟ ୨୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇ ୨୪ ଜଣ ଯାକ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି।୨୪ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୮ ଜଣ ପ୍ରଥମ ସ୍ଥାନ ପାଇଥିବା ବେଳେ ୩ ଜଣ ଦ୍ୱିତୀୟ ସ୍ଥାନ ଓ ୩ ଜଣ ତୃତୀୟ ସ୍ଥାନ ପାଇଛନ୍ତି।ସେଥି ମଧ୍ୟରୁ ରଞ୍ଜିତା ଖଟୁଆ ମୋଟ ୬ ସହ ନମ୍ବରରୁ (୫୪୩) ଯଥା ଶତକଡା ୯୦.୫୦ ନମ୍ବର ରଖି ସ୍କୁଲରେ ଟପର ହୋଇଛନ୍ତି।ତା ଛଡା ଲିଜାରାଣୀ ପ୍ରଧାନ (୫୨୩),ପ୍ରିୟଙ୍କା ଖଟୁଆ (୫୨୦),ଆଦ୍ୟା ଅଭିପ୍ସା ପ୍ରଧାନ (୫୦୧) ନମ୍ବର ରଖି ସଫଳତା ହାସଲ କରିଛନ୍ତି।ଏହି ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ ସ୍କୁଲ ତରଫରୁ ଅତିଥି ମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା।ସ୍କୁଲର ସମସ୍ତ ଅଧାପକ ଅଧାପିକା ତଥା ଛାତ୍ରଛାତ୍ରୀ ପରିଚାଳନା କରିଥିଲେ।

# ଯୁକ୍ତଦୁଇ ପରୀକ୍ଷାରେ ସାଇ ବିଦ୍ୟା ମନ୍ଦିରର ଐତିହାସିକ ସଫଳତା

ବାରିପଦା, ୨୨/୫ (ନି.ପ୍ର): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଅନୁଷ୍ଠିତ ଚଳିତବର୍ଷ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷାରେ ବିଜ୍ଞାନ ଓ କଳା ବିଭାଗରେ ମୟୂରଭଞ୍ଜର ଅଗ୍ରଣୀ ଶିକ୍ଷାନୁଷ୍ଠାନ ସାଇ ବିଦ୍ୟା ମନ୍ଦିରର ଛାତ୍ର ଛାତ୍ରୀ ମାନେ ସଫଳତାର ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛନ୍ତି। ବିଜ୍ଞାନ ବିଭାଗରେ ମୋଟ ୨୨୨ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଦେବରାଜ ସିଂ ସର୍ବାଧ ?କ ୫୭୧ ନମ୍ବର ରଖି ଅନୁଷ୍ଠାନର ବିଜୟ ଧାରାକୁ ଅବ୍ୟାହତ ରଖିଛନ୍ତି। ସେହିପରି ସାଇଜ୍ୟୋତି ମହାନ୍ତି ୫୭୦, ପୂର୍ଣ୍ଣବିଶ୍ୱ ଦାସ ୫୬୮, ଶୁଭମ୍ ମହାନ୍ତି ୫୬୨, ରାଜଦୀପ୍ ସେଠୀ ୫୫୬, ସ୍ମୃତି ରେଖା ଦାସ ୫୫୫, ସୌରଭ୍ କୁମାର ମହାନ୍ତ ୫୫୪, ପ୍ରିୟଙ୍କା ପ୍ରିୟଦର୍ଶିନୀ କଣ୍ଡେଲକଲ୍ ୫୫୪, ଚିନ୍ମୟ କୁମାର ସି ୫୫୧, ଓମ୍ ପ୍ରକାଶ ନାୟକ ୫୫୧, ଇତିଶ୍ରୀ ସାହୁ ୫୪୯, ସମୀକ୍ଷା ମହାନ୍ତି



୫୪୭, ସତ୍ୟଜିତ୍ ମହାପାତ୍ର ୫୪୭, ଅମିତ ମହାରଣା ୫୪୫, ସୁବଳ କୁମାର ମହାନ୍ତ ୫୪୫, ଓମ୍ ପ୍ରକାଶ ମହାନ୍ତ ୫୪୩, ରିତୁପୂର୍ଣ୍ଣା ମହାନ୍ତ ୫୪୨, ରବିନାରାୟଣ ପଣ୍ଡା ୫୪୧, ଦେବସ୍ମିତା ମାରାଣ୍ଡି ୫୪୧, ସାଇ ଅନ୍ୱେଷା ଜେନା ୫୪୧, ଭବତ୍ରାଣ ବେହେରା ୫୪୦, ପ୍ରୀତିପର୍ଣ୍ଣା ସାହୁ ୫୪୦ ନମ୍ବର ରଖି ଅନୁଷ୍ଠାନ ପାଇଁ ନୂତନ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ୫୦୦ ନମ୍ବରରୁ ଅଧିକ ୬୨ ଜଣ ତଥା ୬୦ ପ୍ରତିଶତରୁ ଅଧିକ ନମ୍ବର ୨୧୪ ଜଣ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି କଳା ବିଭାଗରେ ମୋଟ ୭୭ଜଣ ଛାତ୍ର ଛାତ୍ରୀଙ୍କ ମଧ୍ୟରୁ ଦେବଜ୍ୟୋତି ମଙ୍ଗରାଜ ସର୍ବାଧିକ ୫୬୨ ନମ୍ବର ରଖି ସମଗ୍ର ମୟୂରଭଞ୍ଜରେ ପ୍ରଥମ ସ୍ଥାନର ଅଧିକାରିଣୀ ହୋଇଛନ୍ତି। ସ୍ମୃତିସ୍ୱରୂପା ମହାକୁଡ ୫୫୧, ପ୍ରେରଣା ସିଂ ୫୪୭, ଶୁଭଶ୍ରୀ ମୁର୍ମୁ ୫୪୬, ଭାବନା ମହାନ୍ତ ୫୪୫, ରାଜେଶ କୁମାର ସାହୁ ୫୪୪, ସୋନାଲି ବେହେରା ୫୪୩ ନମ୍ବର ରଖି ଅନୁଷ୍ଠାନ ପାଇଁ ଗର୍ବ ଓ ଗୌରବର ନୂତନ ପୃଷ୍ଠା ଯୋଡିଛନ୍ତି. ୫୦୦ମାର୍କରୁ ଅଧିକ ୨୫ଜଣ ଏବଂ ୬୦ ପ୍ରତିଶତରୁ ଉର୍ଦ୍ଧ୍ୱ ଜଣ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ଅନୁଷ୍ଠାନର ସମ୍ପାଦକ ଚନ୍ଦ୍ରକାନ୍ତ ରାଉତ, ମୁଖ୍ୟ ପରିଚାଳକ ଦେବାଶିଷ ମୁଦୁଲି, ଅଧକ୍ଷ ଅକ୍ଷୟ ଖିଲାର, ସିଇଓ ପ୍ରତିଟୀ ରଞ୍ଜନ ରାଉତ ଏବଂ ଅଧାପକ ଅଧାପିକା ମାନେ ଉତ୍ତୀର୍ଣ୍ଣ ଛାତ୍ର ଛାତ୍ରୀ ମାନଙ୍କୁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ଅନୁଷ୍ଠାନର ନିର୍ମାତା, ନିର୍ଦ୍ଦେଶକ ଡ. ପ୍ରଭଞ୍ଜନ ରାଉତ କୃତୀ ଛାତ୍ର ଛାତ୍ରୀ ମାନଙ୍କୁ ଶୁଭାଶୀର୍ବାଦ ପ୍ରଦାନ ପୂର୍ବକ ସେମାନଙ୍କ ଉଜ୍ଜଳ ବବିଷ୍ୟତ କାମନା କରିଛନ୍ତି।

# ରାଣୀ ଅହଲ୍ୟାବାଇ ହୋଲକରଙ୍କ ଜୟନ୍ତୀ ପାଳିତ



ବାସୁଦେବପୁର, ୨୨/୫ (ନି.ପ୍ର): ବାସୁଦେବପୁର ନୀଳମଣି ଟାଉନ ହଲ ପରିସରରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ରାଣୀ ଅହଲ୍ୟା ବାଇ ହୋଲକରଙ୍କ ୩୦୦ ତମ ଜୟନ୍ତୀ ଉତ୍ସବ ପାଳିତ ହୋଇ ଯାଇଛି। ଏଥି ସହିତ ଜିଲ୍ଲା ସ୍ତରୀୟ ସମ୍ମିଳନୀ ମଧ ଅନୁଷ୍ଠିତ ହୋଇ ଯାଇଛି। ଏହି ଜୟନ୍ତୀ ଉତ୍ସବ ରେ ବିଜେପିର ଜିଲ୍ଲା ସଭାପତି ଭଗବାନ ପଣ୍ଡା ସଭାପତିତ୍ୱ କରିଥିଲେ। ବାସୁଦେବପୁର ନିର୍ବାଚନ ମଣ୍ଡଳୀ ନେତା ବାଣୀ କଲ୍ୟାଣ ମହାନ୍ତି, ଭଦ୍ରକ ତ୍ୟାଗଭୂମିର ସଭାପତି ଅଜୟ ନାୟକ, ଭଣ୍ଡାରି ପୋଖରୀ ନିର୍ବାଚନ ମଣ୍ଡଳୀ ନେତା ସୁଧାଂଶୁ ଶେଖର ନାୟକ, ଯୁବ ନେତା ଅଶୋକ ସାହୁ, ମଧୁସୂଦନ ପାଢ଼ୀ, ଗଗନ ବିହାରୀ ନାୟକ, ଶ୍ରାବଣୀ ମଲ୍ଲିକ, ସୀତାକାନ୍ତ ନାୟକ ପ୍ରମୁଖ ଏହି ଉତ୍ସବରେ ଯୋଗ ଦେଇଥିଲେ ଓ ରାଣୀ ଅହଲ୍ୟା ବାଇଙ୍କ ଦେଶପ୍ରେମ ସମ୍ପର୍କରେ ଆଲୋଚନା କରିଥିଲେ। ନିର୍ବାଚନ ମଣ୍ଡଳୀ ସଂଯୋଜକ ଡକ୍ଟର ପ୍ରତାପ ନାୟକ ମଞ୍ଚ ସଂଯୋଜନା କରିଥିଲେ। ଅନ୍ୟ ମାନଙ୍କ ମଧରେ ନଗର ମଣ୍ଡଳ ସଭାପତି ଆଶୁତୋଷ ସାମଲ, ରାଜା କୁମାର ନାୟକ,ରତିକାନ୍ତ ଦଳାଇ ଲିଙ୍କୁନ, ଉମାକାନ୍ତ ଡାଙ୍ଗୁଆ, ମଣ୍ଡଳ ସଭାପତି ବିଜୟ ମାଝି, ଜଗବନ୍ଧୁ ମଲ୍ଲିକ, ଅମର ଦାସ, ଅମର ନାୟକ, ଚକ୍ରଧର ବଳ ପ୍ରାମୁଖ ଯୋଗ ଦେଇଥିଲେ ଓ ଉତ୍ସବ କୁ ପରିଚାଳନା କରିବାରେ ସହଯୋଗ କରିଥିଲେ। ସମସ୍ତେ ଏହି କାର୍ଯ୍ୟକ୍ରମ ରେ ସ୍ଲୋଗାନ ଦେଇଥିଲେ ଭାରତ ମାତା କି ଜୟ, ବନ୍ଦେ ମାତରଂ, ଜୟ ଶ୍ରୀରାମ । ଭାରତ ବର୍ଷର ଲୋକପ୍ରିୟ ପ୍ରଧାନ ମନ୍ତ୍ରୀ ମାନନୀୟ ନରେନ୍ଦ୍ର ମୋଦି ଓ ଓଡିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଙ୍କ ଯୋଜନା ଓ ଉଦ୍ୟମ କୁ ସମସ୍ତେ ପ୍ରଶଂସା କରିଥିଲେ। ବହୁ ସଂଖ୍ୟାରେ କର୍ମୀ ଓ ଜନ ସାଧାରଣ ଯୋଗ ଦେଇଥିଲେ।

## ପଥହୁଡା ଜଂଗଲୀ ହରିଣ: ସୁରକ୍ଷିତ ଲେଉଟାଣି ପାଇଁ ନୀଳଗିରି ବନବିଭାଗର ପ୍ରୟାସ

ନୀଳଗିରି , ୨୨/୫ (ନି.ପ୍ର): ଜଙ୍ଗଲ ନଷ୍ଟ ହେଉ କିମ୍ବା ଖାଦ୍ୟ ଅନ୍ୱେଷଣରେ ହେଉ, ଅଧିକାଂଶ ଜଂଗଲୀ ଜୀବଜନ୍ତୁ ଏବେ ଗାଁ ମୁହାଁ ହେଉଥିବା ଦେଖିବାକୁ ମିଳୁଛି। ଗୁରୁବାର ଦିନ ପ୍ରାୟ ୧୧ସମୟରେ ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକ ନୀଳଗିରି ବନବିଭାଗ ଅଧୀନସ୍ଥ ନିଜାମପୁର ପଞ୍ଚାୟତ ଦୁମଦା ଗାଁ ପାଖ ପାଳ ନିକଟରେ ଗାଁଲୋକ ଏକ ହରିଣକୁ ଦେଖି ନୀଳଗିରି ବନବିଭାଗକୁ ଖବର ଦେଇଥିଲେ। ଖବରପାଇ ଫରେଷ୍ଟର ସରୋଜ ପ୍ରଧାନ ଏବଂ ମଞ୍ଜୁଲତା ପ୍ରଧାନ ଅନ୍ୟ ବନକର୍ମଚାରୀଙ୍କ ସହିତ ଘଟଣାସ୍ଥଳରେ ପହଞ୍ଚି ହରିଣଟିର ଗତିବିଧି ଉପରେ ଲକ୍ଷ୍ୟ ରଖିବା ସହିତ ହରିଣଟିର ଯେପରି କୌଣସି କ୍ଷତି ନଘଟେ ସେଥିପ୍ରତି ସତର୍କ ଦୃଷ୍ଟି ଦେଇଛନ୍ତି। ତେବେ ହରିଣଟି ଖାଦ୍ୟ ଅନ୍ୱେଷଣରେ ମୟୂରଭଞ୍ଜ ଜିଲ୍ଲା ବେତନଟୀ ରେଞ୍ଜ ବୈଶିଙ୍ଗା ସେକ୍ସନ ବଡାମ ଜଙ୍ଗଲରୁ ଆସିଥିବା ଅନୁମାନ କରାଯାଉଛି। ତେବେ ପଥହୁଡ଼ା ହରିଣଟି କିପରି ସୁରକ୍ଷିତ ଲେଉଟି ଯାଇପାରିବ ସେଥିପ୍ରତି ନୀଳଗିରି ବନବିଭାଗ ଚେଷ୍ଟା ଜାରି ରଖିଛି।

# ଚୋରି କରିବାକୁ ଆସି ଧରା ପଡି ଛେଚା ଖାଇଲେ ଯୁବକ: ପାଞ୍ଚ ଫେରାର

ବସ୍ତା, ୨୨/୫ (ନି.ପ୍ର): ବସ୍ତା ଥାନା ବାରମାଢିଆ ଗ୍ରାମ ରେ ବିଳମ୍ବିତ ରାତିରେ ଚୋରି କରିବାକୁ ଆସି ଧରା ପଡି ଛେଚା ଖାଇଲେ ଜଣେ ଯୁବକ,ପାଞ୍ଚ ଫେରାର। ସୂଚନା ଅନୁସାରେ ଗତକାଲି ବିଳମ୍ବିତ ରାତିରେ ଛଅ ଜଣ ଯୁବକ ଦୁଇଟି ବାଇକ ରେ ଆସି ବାରମାଢିଆ ଗ୍ରାମର ମଡାଗଡ଼ିଆ ଆଦିବାସୀ ସାହିର ଜୟନ୍ତୀ ରାମ ଘରେ ନଥିବାର ସୁଯୋଗ ନେଇ ଗ୍ରିଲ ଏବଂ କବାଟର ତାଲା ଭାଙ୍ଗି ଘର ଭିତରେ ପଶିଥିବା ସମୟରେ ପଡିଶା ଲୋକେ ଜାଣିପାରି ଥିଲେ। ତୁରନ୍ତ ଗ୍ରାମର ଯୁବଗୋଷ୍ଠୀ ଚୋର ମାନଙ୍କୁ ଧରିବାକୁ ଚେଷ୍ଟା କରିଥିଲେ, ତେବେ ଚୋର ମାନେ ଏହା ଜାଣିପାରି ଘଟଣା ସ୍ଥଳରୁ ପାଞ୍ଚ



ଜଣ ଚୋର ଏକ ବାଇକ ନେଇ ଫେରାର ହୋଇଯାଇଥିବା ବେଳେ ଗ୍ରାମବାସୀ ଜଣେ ଚୋର ସହ ଏକ ନମ୍ବର ବିହୀନ ବାଇକକୁ କାବୁ କରି ବସ୍ତା ପୋଲିସକୁ ହସ୍ତାନ୍ତର କରିଥିଲେ। ଚୋର ଜଣକର ଘର ହଳଦୀପଦା ସ୍ଥିତ ଗୋବିନ୍ଦା ଗ୍ରାମର ରଞ୍ଜନ ପରିଡା ବୋଲି ଜଣାପଡିଛି। ଅଟକ ଚୋରକୁ ପୋଲିସ ମେଡିକାଲ ପଠାଇ ତଦନ୍ତ ଜାରିରଖିଥିବା ବେଳେ ଅଭିଯୋଗ କାରିଣୀ ଜୟନ୍ତୀ ରାମ ତାଙ୍କର ଘରୁ ଗୋଟିଏ ସୁନା ଓ ରୁପା ହାର ନଗଦ ଆଠ ହଜାର ଟଙ୍କା ଚୋରି ହୋଇଥିବା ଲିଖିତ ଅଭିଯୋଗ କରିଛନ୍ତି।

## ଚାଷ କରିପାରୁ ନଥିବା ଜମିରେ ଗଛ ଲଗାଇବେ ଚାଷୀ

ଭୁବନେଶ୍ୱର, ୨୨/୫ (ନି.ପ୍ର): ଚାଷ କରିପାରୁ ନଥିବା ଜମିରେ ଗଛ ଲଗାଇବେ ଚାଷୀ। ଏଥିପାଇଁ ଜଙ୍ଗଲ ବିଭାଗ ମାଗଣା ଗଛ ଯୋଗାଇବ ବୋଲି ସୂଚନା ଦେଇଛନ୍ତି ପିସିସିଏଫ ସୁରେଶ ପନ୍ତ। ସେ କହିଛନ୍ତି ରାଜ୍ୟ ସରକାର ଖୁବ ଶୀଘ୍ର ନୂଆ ଏ ଗ୍ରୋ ଫରେଷ୍ଟ ପଲିସି ଆଣୁଛନ୍ତି । ଏହାର ଡ୍ରାଫ୍ଟ ପ୍ରସ୍ତୁତ ହୋଇ ସାରିଥିବା ବେଳେ ଖୁବ ଶୀଘ୍ର ଏହା କ୍ୟାବିନେଟକୁ ଯିବ। ଏହି ପଲିସି ଅନୁସାରେ ଚାଷୀଙ୍କୁ ଲାଭ ଦେବା ଭଳି ଗଛ ଚାଷ ହେଉ ନ ଥିବା ଜମିରେ ଓ ଚାଷ ଜମି ହିଡ଼ରେ ଲଗାଇବାକୁ ଦିଆଯିବ।

# ଉଦଳାରେ କେନ୍ଦ୍ରୀୟ ବିଦ୍ୟାଳୟ ଓ ରେଳପଥ ସଂଯୋଗ ପ୍ରସଙ୍ଗ ଆନ୍ଦୋଳନରୁ ଓହରି ଯାଇନାହିଁ ଭଂଜସେନା : ରବିନ ମହାନ୍ତି

ଉଦଳା , ୨୨/୫ (ନି.ପ୍ର): ଉଦଳା ବିଜ୍ଞାପିତ ଅଂଚଳ ପରିଷଦକୁ ମ୍ୟୁନସିପାଲଟି ଘୋଷଣା ସହିତ ଏଠାରେ କେନ୍ଦ୍ରୀୟ ବିଦ୍ୟାଳୟ ଓ ରେଳପଥର ସଂଯୋଗ ପାଇଁ ଭଂଜସେନା ଯେଉଁ ଆନ୍ଦୋଳନ ଆରମ୍ଭ କରିଥିଲା ଏଥିରୁ ଆମେ ଓହରିଯାଇନାହୁଁ ବୋଲି ଜିଲ୍ଲା କାର୍ଯ୍ୟକାରି ସଭାପତି ରବିନ ମହାନ୍ତି ଜଣାଇଛନ୍ତି । ଡ଼ବଲ ଇଂଜିନ ସରକାର ଉଦଳା ଅଂଚଳର



ଏହିସବୁ ଦାବି ଗୁଡ଼ିକ ପୁରଣ ପାଇଁ

କିପଦକ୍ଷେପ ନେଉଛନ୍ତି ତାହା ଦେଖିବା ସକାଶେ ଆମେ କିଛିଦିନ ଅପେକ୍ଷା କରିଛୁ ବୋଲି ସେ ସୂଚନା ପ୍ରଦାନ କରିଛନ୍ତି । ଡ଼ବଲ ଇଂଜିନ ସରକାର କ୍ଷମତାକୁ ଆସିବାର ଇତି ମଧ୍ୟରେ ପାଖାପାଖି ଗୋଟିଏ ବର୍ଷ ସମୟ ବିତିଗଲାଣି । ଉଦଳା ଅଂଚଳର ଦାବି ଗୁଡ଼ିକ ପୁରଣ ପାଇଁ ନେତାମାନେ ଆଦୌ ତତ୍ପରତା ପ୍ରକାଶ କରୁନାହାଁନ୍ତି । ଏଥିରୁ ଏହିସବୁ ଦାବି ଗୁଡ଼ିକ ପୁରଣ ପାଇଁ ଡ଼ବଲ ଇଂଜିନ ସରକାର ପଛଘୁଂଚା ଦେଉଛନ୍ତି ବୁଝିବାରେ କିଛି ଅସୁବିଧା ହେଉନାହିଁ ବୋଲି କାର୍ଯ୍ୟକାରି ସଭାପତି ଶ୍ରୀଯୁକ୍ତ ମହାନ୍ତି କହିଛନ୍ତି । ଶେଷରେ ଉଦଳା ଅଂଚଳର ଦାବି ଗୁଡ଼ିକ ପୁରଣ ପାଇଁ ଭଂଜସେନା ଅତିତରେ ଯେଉଁଭଳି ଆନ୍ଦୋଳନ ଚଳାଇଥିଲା ସେହିଭଳି ଚାଲୁ ରଖିବାକୁ ବାଧହେବ ଏଥିରେ ସନ୍ଦେହ ନାହିଁ ବୋଲି ଚେତାବନି ଦେଇଛନ୍ତି ।


## ଏସ୍. ଇ. ରେଳବାଇ - ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତାଙ୍କ ପକ୍ଷରୁ, ଖଡ଼ଗପୁର କର୍ମଶାଳାର ଉପ-ମୁଖ୍ୟ ଯାନ୍ତ୍ରିକ ଇଞ୍ଜିନିୟର (କ୍ୟାରେଜ୍ ୱାର୍କସ୍), ଖଡ଼ଗପୁର ନିମ୍ନଲିଖିତ କାର୍ଯ୍ୟ ପାଇଁ **ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି: କ୍ରମ ସଂଖ୍ୟା, ଇ-ଟେଣ୍ଡର ନୋଟିସ୍** ନମ୍ବର ଏବଂ କାର୍ଯ୍ୟର ନାମ ନିମ୍ନଲିଖିତ: **୧. CW-AWFA-24-25-01-R-2,** ଅତିରିକ୍ତ ଜଳ-ଭରଣ ବ୍ୟବସ୍ଥାର ବ୍ୟବସ୍ଥା। ପରିମାଣ: ୧୪୦୦ କୋଚ୍। **ଟେଣ୍ଡର ମୂଲ୍ୟ:** ୨,୬୯,୪୯,୦୩୯/-। **ଆୟ ଟଙ୍କା:** ୨,୮୪,୮୦୦/-। **୨. CW-ART-ARME-13-24-25- 01-R,** BG କୋଚଗୁଡ଼ିକୁ ART/ARMEରେ ପରିବର୍ତ୍ତନ, ପରିମାଣ-୧୩ କୋଚ। **ପରିମାଣ:** ୧୩ କୋଚ। **ଟେଣ୍ଡର ମୂଲ୍ୟ:** ୧,୯୩,୪୨,୦୯୨.୬୦। **ଆୟ ଟଙ୍କା:** ୨,୪୬,୭୦୦/-। **ଟେଣ୍ଡର ଡକ୍ୟୁମେଣ୍ଟର ମୂଲ୍ୟ:** ପ୍ରତ୍ୟେକ ପାଇଁ କୌଣସି ନାହିଁ। **ଚୁକ୍ତିନାମା ଅବଧି:** LOA ଜାରି ହେବା ତାରିଖରୁ ସିରିଏଲ ନମ୍ବର ୧ ପାଇଁ ୧୮ ମାସ ଏବଂ ସିରିଏଲ ନମ୍ବର ୨ ପାଇଁ ୬ ମାସ। **ଟେଣ୍ଡରର ଶେଷ ତାରିଖ ଏବଂ ସମୟ:** ୨୪.୦୬.୨୦୨୫, ପ୍ରତ୍ୟେକ ପାଇଁ ୧୫.୦୦ ଘଣ୍ଟା। **କାର୍ଯ୍ୟ ସ୍ଥାନ:** ଖଡ଼ଗପୁର କର୍ମଶାଳା, ଦକ୍ଷିଣ ପୂର୍ବ ରେଳବାଇ, ପୋଷ୍ଟ-ଖଡ଼ଗପୁର, ଜିଲ୍ଲା-ପଶ୍ଚିମ ମିଦିନାପୁର, ପିନ୍- ୭୨୧୩୦୧। **ବିଡିଂ ସିଷ୍ଟମ୍:** ପ୍ରତ୍ୟେକଙ୍କ ପାଇଁ ଏକକ ପ୍ୟାକେଟ ସିଷ୍ଟମ୍। **ଚୁକ୍ତିନାମାର ପ୍ରକାର:** ପ୍ରତ୍ୟେକଙ୍କ ପାଇଁ ସାଧାରଣ କାର୍ଯ୍ୟ। ବିସ୍ତୃତ ଟେଣ୍ଡର ନୋଟିସ୍ ଏବଂ ଟେଣ୍ଡର ଡକ୍ୟୁମେଣ୍ଟ ଇ-ପୋର୍ଟାଲ୍ ୱେବସାଇଟ୍ **https://www.ireps.gov.in**ରେ ଉପଲବ୍ଧ।

(PR-188)


## ସତ୍ୟବ୍ରତ ନାୟକ ନୟାଗଡ଼ ଜିଲ୍ଲା କଂଗ୍ରେସ ସଂଯୋଜକ ନିଯୁକ୍ତ

ଭୁବନେଶ୍ୱର, ୨୨/୫ (ନି.ପ୍ର): ନୟାଗଡ଼ ଜିଲ୍ଲାରେ ପ୍ରଦେଶ କଂଗ୍ରେସ କମିଟି ଓ ଅଖିଳ ଭାରତ କଂଗ୍ରେସ କମିଟି ପକ୍ଷରୁ ଆଗାମୀ ଦିନରେ ଅନୁଷ୍ଠିତ ହେବାକୁ ଥିବା ଦଳୀୟ କାର୍ଯ୍ୟକ୍ରମକୁ ସୂଚାରୁରୂପେ ସଂପାଦନ କରିବାପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ କଂଗ୍ରେସ ନେତା ସତ୍ୟବ୍ରତ ନାୟକଙ୍କୁ ଜିଲ୍ଲା ସଂଯୋଜକ ଭାବେ ନିଯୁକ୍ତି ଦେଇଛନ୍ତି।

# ଜିଲ୍ଲା ସ୍ତରୀୟ ପିସି-ପିଏନଡ଼ିଟି ପରାମର୍ଶଦାତା କମିଟି ବୈଠକ ଅନୁଷ୍ଠିତ

ବାରିପଦା, ୨୨/୫ (ନି.ପ୍ର): ଆଜି ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଜିଲ୍ଲାପାଳ ଶ୍ରୀ ହେମ କାନ୍ତ ସୟଙ୍କ ଅଧ୍ୟକ୍ଷତା ରେ ଜିଲ୍ଲା ସ୍ତରୀୟ ପିସିପିଏନଡ଼ିଟି ପରାମର୍ଶଦାତା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି ଓ ଲିଙ୍ଗ ନିରୂପଣକୁ କିଭଳି କଡାକଡି ଭାବରେ ରୋକାଯାଇପାରିବ ସେଥିପାଇଁ ଗୁରୁତର ସହ ଧ୍ୟାନ ଦେବାକୁ ଜିଲ୍ଲାପାଳ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ ଓ ଉକ୍ତ ବୈଠକରେ କାର୍ଯ୍ୟକ୍ଷମ ଥିବା ପଞ୍ଜିକୃତ ଅଲ୍ଟ୍ରାସାଉଣ୍ଡ କ୍ଲିନିକ ଗୁଡିକର ସମୀକ୍ଷା କରାଯାଇଥିଲା ଓ ବୈଠକରେ ନୂତନ କ୍ଲିନିକ ପଞ୍ଜୀକରଣ ଓ ନବୀକରଣ ପାଇଁ ଆବେଦନ ହୋଇଥିବା ଦରଖାସ୍ତ ଗୁଡିକ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା ଓ ବୈଠକରେ ପୂର୍ବ ବୈଠକର ବିବରଣୀ ଉପରେ ଆଲୋଚନା କରାଯାଇଥିଲା ଓ ଜିଲ୍ଲାରେ ପୁତ୍ର ସନ୍ତାନ ଓ କନ୍ୟା ସନ୍ତାନ ମଧ୍ୟରେ



ଲିଙ୍ଗ ଅନୁପାତକୁ ଜନସଚେତନତା ସୃଷ୍ଟି କରି ବଢାଇବା ପାଇଁ ପଦକ୍ଷେପ ନେବାକୁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ ଓ ଜିଲ୍ଲାରେ ଥିବା ଆଶାକର୍ମୀ ମାନଙ୍କୁ ଜନସଚେତନତା କାର୍ଯ୍ୟରେ ନିୟୋଜିତ କରିବା ଏବଂ ସେ ଦିଗରେ ସେମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ତନଖି କାର୍ଯ୍ୟ ନିୟମିତ ଭାବରେ ଜାରି ରଖିବାକୁ ନିର୍ଦ୍ଦେଶ ଦେବା ସହ ଜିଲ୍ଲାର ଜନସାଧାରଣ କିପରି ଉନ୍ନତ ମାନର ସ୍ୱାସ୍ଥ୍ୟ ସେବା ପାଇ ପାରିବେ ସେଥି ନିମନ୍ତେ ସ୍ୱାସ୍ଥ୍ୟ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀ ମାନେ ଯତ୍ନବାନ ହେବା ପାଇଁ ପରାମର୍ଶ ଦେଇଥିଲେ। ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଭାତ କୁମାର ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ଜିଲ୍ଲା ଚିକିତ୍ସା ଅଧିକାରୀ ଡା. ବିଜୟ କୁମାର ଦାଶ,ପରିବାର କଲ୍ୟାଣ ଅଧିକାରୀ ଡା. ସୁନନ୍ଦା ମିଶ୍ର, ଡା.ପ୍ରଣବ ଦାସ, ଡା. ସୁଯୋଗ ନାୟକ, ଡା. ହରିଶ୍ଚନ୍ଦ୍ର ସାହୁ, ଡିପିଏମ ଶ୍ରୀ ଅନିଲ କୁମାର ମହାନ୍ତି, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି, ସମାଜସେବୀ ବିରଜା ଦେବୀ ଓ କମିଟିର ଅନ୍ୟାନ୍ୟ ସଦସ୍ୟ ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ପରିଶେଷରେ ଲିଗାଲ ମ୍ୟାନେଜର ଶ୍ରୀ ପ୍ରବୋଧ ସୁନ୍ଦରରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ଫୋର୍ବସ୍ ଏସିଆ ୩୦ ତାଲିକାରେ ସ୍ଥାନ ପାଇଥିବା ଯୁବକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଭୁବନେଶ୍ୱର, ୨୨/୫ (ନି.ପ୍ର): ଫୋର୍ବସ୍ ଏସିଆ ୩୦ ଅଣ୍ଡର ୩୦ ତାଲିକାରେ ସ୍ଥାନ ପାଇଥିବା ଯୁବକଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେଚ୍ଛା ଜଣାଇଛନ୍ତି। ଏକ୍ସରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ୨୦୨୫ ପାଇଁ ଫୋର୍ବସ୍ ଏସିଆ ୩୦ ଅଣ୍ଡର ୩୦ ତାଲିକାରେ ସ୍ଥାନ ପାଇଥିବା ଆଇଜି ଡ୍ରୋନସ୍ ର ସହ ପ୍ରତିଷ୍ଠାତା ବୋଧିସତ୍ୱ ସଂଘପ୍ରିୟ ଓ ଓମ୍ ପ୍ରକାଶ, ୟଙ୍ଗ ଥିଙ୍କର ଫାଉଣ୍ଡେସନ୍ ର ସହ-ପ୍ରତିଷ୍ଠାତା ଅନିଲ ପ୍ରଧାନ ଓ ବୈଶାଳୀ ଶର୍ମା ଏବଂ ସ୍ପେସ୍ ଫିଲ୍ଡସ୍ ର ପ୍ରତିଷ୍ଠାତା ଅପୂର୍ବ ମାସୁକଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା। ଆପଣମାନଙ୍କ ଅବିଶ୍ରାନ୍ତ ପରିଶ୍ରମ, ନବୋନ୍ମେଷୀ ଚିନ୍ତାଧାରା ଓ ଦୂରଦୃଷ୍ଟି ଓଡ଼ିଶାକୁ ବୈଶ୍ୱିକ ସ୍ତରରେ ଗୌରବାନ୍ୱିତ କରିଛି।

# ମୟୂରଭଞ୍ଜ ସାଇନ୍ସ ହାୟର ସେକେଣ୍ଡାରୀ ସ୍କୁଲର ଶତପ୍ରତିଶତ ସଫଳତା



ବାରିପଦା , ୨୨/୫ (ନି.ପ୍ର): ସ୍ଥାନୀୟ ମହାରାଜପୁର ସ୍ଥିତ ମୟୁରଭଞ୍ଜ ସାଇନ୍ସ ହାୟର ସେକେଣ୍ଡାରୀ ସ୍କୁଲ ର କଳା, ବିଜ୍ଞାନ ଓ ବାଣିଜ୍ୟ ଛାତ୍ରଛାତ୍ରୀ ମାନେ ଚଳିତ ବର୍ଷ ଉଚ୍ଚ ମାଧ୍ୟମିକ ପରିଷଦ ଦ୍ୱାରା ପରିଚାଳିତ ଦ୍ୱାଦଶ ଶ୍ରେଣୀ ପରିକ୍ଷା ରେ ଉଲ୍ଲେଖନୀୟ ସଫଳତା ହାସଲକରିଛନ୍ତି। ବିଜ୍ଞାନ ରେ ତୁଷାର କୁମାର ମହାନ୍ତ ଇଂରାଜୀରେ ୮୬ ପ୍ରତିଶତ ମାର୍କ ରଖି ଥିବା ବେଳେ ସର୍ବମୋଟ ୮୦ ପ୍ରତିଶତ ମାର୍କ ରଖି ପ୍ରଥମ ଶ୍ରେଣୀ ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ରଶ୍ମିତା ମାର୍ଣ୍ଡି ଅଙ୍କ ରେ ୯୨ ପ୍ରତିଶତ ମାର୍କ ରଖି ପ୍ରଥମ ସ୍ଥାନ ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। କଳା ରେ ବାପି ମାରାଣ୍ଡି ରାଜନୀତି ବିଜ୍ଞାନ, ଏବଂ ଶିକ୍ଷା ରେ ୭୫ ପ୍ରତିଶତ ମାର୍କ ରଖି ପ୍ରଥମ ଶ୍ରେଣୀ ରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ବାଣିଜ୍ୟରେ ଅର୍ଜୁନ ବିନ୍ଧାଣି ଆକାଉଣ୍ଟିଂ ରେ ୮୮ପ୍ରତିଶତ ମାର୍କ ରଖି ପ୍ରଥମ ଶ୍ରେଣୀ ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ମୟୂରଭଞ୍ଜ ସାଇନ୍ସ ହାୟର, ସେକେଣ୍ଡାରୀ ସ୍କୁଲ ର ବିଜ୍ଞାନ ଓ ବାଣିଜ୍ୟ ରେ ଶତ ପ୍ରତିଶତ ଏବଂ କଳା ରେ ୯୯ ପ୍ରତିଶତ ଫଳାଫଳ ହୋଇଛି ବୋଲି ଅଧକ୍ଷା ଦେବଶ୍ରିତା ବିଶ୍ୱାଳ ସନ୍ତୋଷ ବ୍ୟକ୍ତ କରିଛନ୍ତି। ମୟୂରଭଞ୍ଜ କଲେଜ ଅଫ ଆକଣ୍ଟେନସି ଆଣ୍ଡ ମ୍ୟାନେଜମେଣ୍ଟ ର ଅଧକ୍ଷ ପ୍ରଦୀପ କୁମାର ନାୟକ କୃତକାର୍ଯ୍ୟ ହୋଇଥିବା ସମସ୍ତ ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ଶୁଭେଚ୍ଛା ଜଣେଇବା ସହିତ ଆଗାମୀ ଦିନରେ ନିଷ୍ଠାପର ସହିତ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଛନ୍ତି।

## ଉଦଳା ଶିକ୍ଷକ ସଂଘର ସ୍ୱତନ୍ତତା ବାରିହୋଇପଡ଼େ : ବିରେନ୍ଦ୍ର ମଢ଼େଇ

ଉଦଳା , ୨୨/୫ (ନି.ପ୍ର): ଉଦଳା ଶିକ୍ଷକ ସଂଘର ସ୍ୱତନ୍ତତା ସମଗ୍ର କପ୍ତିପଦା ଉପଖଣ୍ଡରେ ବାରିହୋଇପଡ଼େ ବୋଲି ଶିକ୍ଷକ ନେତା ବିରେନ୍ଦ୍ର ମଢ଼େଇ ବ୍ୟକ୍ତ କରିଛନ୍ତି । ଗୋଷ୍ଠୀ ଶିକ୍ଷାଅଧିକାରୀ ଭାବରେ ଉଦଳାରେ ନୂଆକରି କାର୍ଯ୍ୟରେ ଯୋଗ ଦେଇଥିବା ଦୀପକ କୁମାର ମିଶ୍ରଙ୍କୁ ସ୍ୱାଗତ ଜଣାଇବା ପାଇଁ ରେଗୁଲାର, ଏକ୍ସ କ୍ୟାଡ଼ର ଓ ଏନ୍.ପି.ଏସ୍. ସମସ୍ତ ବର୍ଗର ଶିକ୍ଷକ ମାନେ ମିଳିତ ଭାବରେ ଚଳିତ ମଇ ୨୧ ତାରିଖ ବୁଧବାର ଦିନ କାର୍ଯ୍ୟାଳୟରେ ପହଂଚି ଉତରୀୟ ଓ ପୁଷ୍ପଗୁଚ୍ଛ ଅର୍ପଣ ପୂର୍ବକ ସ୍ୱାଗତ ଜଣାଇବା ଅବସରରେ ଶିକ୍ଷକ ନେତା ଶ୍ରୀଯୁକ୍ତ ମଢ଼େଇ ଏହା ବ୍ୟକ୍ତ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଶାନ୍ତନୁ ନାୟକ ଓ ରଜତ ମହାପାତ୍ର ପ୍ରମୁଖ ଯୋଗଦେଇ ସମଗ୍ର ଉଦଳା ବ୍ଲକ ଅଂଚଳ ମଧ୍ୟରେ ଶିକ୍ଷାକ୍ଷେତ୍ରରେ ଦେଖାଯାଉଥିବା ସମସ୍ୟା ଓ ଏହାର ସମାଧାନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିବାର ଜଣାଯାଇଛି ।

# ପୁଣିଥରେ ପ୍ରିନ୍ସ କଲେଜର ଛାତ୍ର ଜିଲ୍ଲାରେ ପ୍ରଥମ ଏବଂ ଦ୍ୱିତୀୟ




ବାରିପଦା, ୨୨/୫ (ନି.ପ୍ର): ଚଳିତ ବର୍ଷ ପ୍ରିନ୍ସ କଲେଜର ବାରିପଦା ଏବଂ ବାଲେଶ୍ୱର ଶାଖା ତରଫରୁ +୨ ବିଜ୍ଞାନ ଏବଂ କଳାର ସମସ୍ତ ଛାତ୍ରଛାତ୍ରୀ ସଫଳତାର ସହ ଉତୀର୍ଣ୍ଣ ହୋଇଥ ?ବା ବେଳେ ୪୦୫ ଜଣ ପିଲା ପ୍ରଥମ ଶ୍ରେଣୀରେ, ୩୩ ଜଣ ପିଲା ୯୦% ରୁ ଅଧିକ ଏବଂ ୧୨୦ ଜଣ ପିଲା ୮୦% ରୁ ଅଧିକ ମାର୍କ ରଖି ଐତିହାସିକ ସଫଳତା ଆଣିଦେଇଛନ୍ତି। ପୂର୍ବ ବର୍ଷ ଭଳି +୨ ବିଜ୍ଞାନରେ ଏହି କଲେଜର ଛାତ୍ର ସାଗ୍ରାମ ମାରାଣ୍ଡି ସର୍ବାଧିକ ୫୭୪ ନମ୍ବର ରଖି ସମଗ୍ର ଜିଲ୍ଲାରେ ପ୍ରଥମ ସ୍ଥାନ ଏବଂ ରାଜ୍ୟରେ ଶ୍ରେଷ୍ଠ ୧୦ ଜଣଙ୍କ ମଧ୍ୟରେ ସ୍ଥାନ ହାସଲ କରିଛନ୍ତି। ସେହିଭଳି ଛାତ୍ର ଗୌତମ ଗିରି ୫୭୧ ମାର୍କ ରଖି ଜିଲ୍ଲାରେ ଦ୍ୱିତୀୟ, ଛାତ୍ର ସୁମନ ଗୋପ ୫୬୬ ମାର୍କ ରଖି କଲେଜରେ ତୃତୀୟ, ଛାତ୍ର ମଳୟ କୁମାର ମହାନ୍ତ ୫୬୫ ମାର୍କ ରଖି ଚତୁର୍ଥ, ଛାତ୍ର ଶୁଭଙ୍କର ପାଟବନ୍ଧା ୫୬୪ ମାର୍କ ରଖି ପଞ୍ଚମ ସ୍ଥାନ ହାସଲ କରିଛନ୍ତି। ସେହିଭଳି +୨ କଳାରେ ଛାତ୍ରୀ ଦେବସ୍ମିତା ବାଂଶୁଳିଆ ୯୧% ମାର୍କ ରଖି କଲେଜର ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ ଛାତ୍ରୀ ଲକ୍ଷ୍ମୀପ୍ରିୟା ବାଂଶୁଳିଆ ୯୦% ମାର୍କ ରଖି ଦ୍ୱିତୀୟ, ଛାତ୍ର କ୍ରିଷ୍ଣା ମହାନ୍ତ ୮୭% ମାର୍କ ରଖି ତୃତୀୟ, ଛାତ୍ରୀ ଅଙ୍କିତା ବେହେରା ୮୬% ମାର୍କ ରଖି ଚତୁର୍ଥ, ଛାତ୍ରୀ ଇପ୍ସିତା ଟୁଡୁ ୮୫% ମାର୍କ ରଖି ପଞ୍ଚମ ସ୍ଥାନ ହାସଲ କରିଛନ୍ତି। ଜିଲ୍ଲାର ସର୍ବାଧିକ ମାର୍କ ସାଙ୍ଗକୁ ସର୍ବାଧିକ ସଂଖ୍ୟକ ଫାଷ୍ଟକ୍ଲାସ ଏବଂ ସର୍ବାଧିକ ପିଲା ୯୦% ନମ୍ବର ରଖି ଏହି ଅନୁଷ୍ଠାନର ଗୌରବମୟ ଇତିହାସକୁ ବଜାୟ ରଖୁଅଛି। ଏହି ସଫଳତା ପାଇଁ ସମସ୍ତ ଅଭିଭାବକ, ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଥିବା ବେଳେ ଅନୁଷ୍ଠାନର ନିର୍ଦ୍ଦେଶକ କାର୍ତ୍ତିକ ଚନ୍ଦ୍ର ସାଇଁ ସମସ୍ତ ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କର ଅକ୍ଲାନ୍ତ ପରିଶ୍ରମକୁ ଭୂୟସୀ ପ୍ରଶଂସା କରିଥିବା ବେଳେ ତାଙ୍କର ଉତ୍ତରୋତ୍ତର ଉନ୍ନତି ପାଇଁ ପ୍ରଭୁ ଜଗନ୍ନାଥଙ୍କ ଠାରେ ପ୍ରାର୍ଥନା କରିଛନ୍ତି।

## ନୀଳଗିରି ବ୍ଲକ କଂଗ୍ରେସ ସାଧାରଣ ସଂପାଦକଙ୍କ ଦେହାନ୍ତ

ନୀଳଗିରି, ୨୨/୫ (ନି.ପ୍ର): ନୀଳଗିରି ନିର୍ବାଚନ ମଣ୍ଡଳୀର ବରିଷ୍ଠ କଂଗ୍ରେସଦଳର ନେତା ତଥା ନୀଳଗିରି ବ୍ଲକ ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ବେହେରାଙ୍କ ୬୭ବର୍ଷ ବୟସରେ ପରଲୋକ ହୋଇଯାଇଛି। କିଛିଦିନ ଧରି ଦେହ ଅସୁସ୍ଥ ହୋଇଥିବା ବେଳେ ହୃଦଘାତରେ ମଧ୍ୟ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ବୁଧବାର ଦିନ ଛାତିରେ ଅନୁଭବହେବାରୁ ପରିବାର ଲୋକେ ଭୁବନେଶ୍ୱରର ଏକ ଘୋରୋଇ ମେଡ଼ିକାଲକୁ ନେଇଥିଲେ। ଚିକିତ୍ସିତ ଅବସ୍ଥାରେ ଗୁରୁବାର ଦିନ ତାଙ୍କର ମୃତ୍ୟୁ ଘଟିଛି। ଦୁଃଖଦ ଖବର ଶୁଣିବାପରେ ନୀଳଗିରି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ନୀଳଗିରି କଂଗ୍ରେସ ଦଳରେ ମଧ୍ୟ ଏକପ୍ରକାର ଶୋକାକୁଳ ପରିବେଶ ଦେଖିବାକୁ ମିଳିଛି। ମୃତ ଶରୀରକୁ ନୀଳଗିରି ଅଣାଯାଇ ଶେଷକୃତ୍ୟ ସମ୍ପନ୍ନ କରାଯିବ ବୋଲି ପରିବାର ସୂତ୍ରରୁ ପ୍ରକାଶ।

# ବାଲେଶ୍ୱରୀ ଲୋକପର୍ବ ଜଉ କଣ୍ଢେଇ ବାହାଘର ଉତ୍ସବର ଉଦ୍ଘାଟନ



ବାଲେଶ୍ୱର, ୨୨/୫ (ନି.ପ୍ର): ଓଡ଼ିଶାର ଏକ ପ୍ରସିଦ୍ଧ ଗଣପର୍ବ ଭାବରେ ପରିଚିତ ବାଲେଶ୍ୱରୀ ଜଉ କଣ୍ଢେଇ ଲୋକପର୍ବ ଆଜି ବାଲେଶ୍ୱର ସହରର ଖ୍ରୀଷ୍ଟିୟାନ ହାଇସ୍କୁଲ ପଡିଆ ପରିସରରେ ଉଦ୍ଘାଟିତ ହୋଇଯାଇଛି । ପ୍ରସିଦ୍ଧ ଗାଳ୍ପିକ ପ୍ରାଣବନ୍ଧୁ କରଙ୍କ ଦ୍ୱାରା ଲିଖିତ ସୁଅମୁହଁର ପତର ଗଳ୍ପର ନାୟକ- ନାୟିକା ଅପର୍ତ୍ତ ଗୁରେଇଙ୍କର ଆଜି ମଙ୍ଗନ ଓ କାଲି ବାହାଘର । ପୂର୍ବତନ ମନ୍ତ୍ରୀ ତଥା ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ବିଧାୟକ ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ପାତ୍ର ଏହି ଉତ୍ସବକୁ ଉଦ୍ଘାଟିତ କରି କହିଲେ ଯେ କଳା ସଂସ୍କୃତି ଓ ସାହିତ୍ୟର ଏହି ପୁଣ୍ୟଭୂମି ବାଲେଶ୍ୱର ଆଜି ଉତ୍ସବ ମୁଖର ହୋଇ ଉଠିଛି । ଜଉ କଣ୍ଢେଇ ବାହାଘର ଆଜି ଏକ ସାଧାରଣ କଣ୍ଢେଇ ବାହାଘର ଉତ୍ସବ ହୋଇ ରହିନାହିଁ ବରଂ ଏହା ଲୋକକଳା ଓ ଲୋକ ସଂସ୍କୃତିର ଅଗ୍ରଦୂତ ହୋଇ ଦେଶ ବିଦେଶକୁ ବାର୍ତ୍ତା ଦେଉଛି । ଶ୍ରୀଯୁକ୍ତ ପାତ୍ର କହିଲେ ଯେ ଜଉ କଣ୍ଢେଇ ବାହାଘରକୁ ନେଇ ଜଉ କଣ୍ଢେଇ ଉତ୍ସବ କମିଟିର ସଦସ୍ୟମାନେ ଯେଉଁ ସାମାଜିକ କର୍ମମାନ କରୁଛନ୍ତି ତାହା ମୋତେ ମୁଗ୍ଧ କରିଛି । ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ବାଲେଶ୍ୱରର ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ସୁଧାକର ନାୟକ କହିଲେ ବାଲେଶ୍ୱର ମାଟିକୁ ଛୁଇଁଲେହିଁ ନିଜକୁ ଗୌରବାନ୍ୱିତ ହେଲାପରି ଲାଗେ । ଫକୀରମୋହନ ସେନାପତି ଓ ଏ ମାଟିର ବୀର ସେନାପତିମାନେ ଯେମିତି ଓଡିଶାର ଭାଷା, ସାହିତ୍ୟ, କଳା ଓ ସଂସ୍କୃତିର ସୁରକ୍ଷାପାଇଁ ବ୍ରତୀ ହୋଇ ଏ ମାଟିର ପ୍ରଭୁତ ସେବା କରିଥିଲେ ଠିକ ସେମିତି ବାଲେଶ୍ୱରୀ ଜଉ କଣ୍ଢେଇ ବାହାଘର ସମିତି ଆଜି ଜଉ କଣ୍ଢେଇ ବାହାଘର ମାଧ୍ୟମରେ ହଜି ଯାଉଥିବା କଳା ଓ ସଂସ୍କୃତିକୁ ରକ୍ଷା କରିବାର ଯେଉଁ ଉଦ୍ୟମ କରି ଚାଲୁଛନ୍ତି ତାହା ମୋତେ ଅଭିଭୂତ କରୁଛି । ମୁଖ୍ୟବକ୍ତା ଭାବରେ ଯୋଗଦେଇ ବାଲେଶ୍ୱରର ଜିଲ୍ଲାପାଳ ଜିଲ୍ଲା ପରିଷଦର ସଭାପତି ଶ୍ରୀଯୁକ୍ତ ନାରାୟଣ ପ୍ରଧାନ ଯୋଗ ଦେଇ କହିଲେ କଳା ସାହିତ୍ୟ ଓ ସଂସ୍କୃତିର ଭୁଇଁରେ ଜନ୍ମ ହୋଇ ଆମେ ନିଜକୁ ଧନ୍ୟ ମନେ କରୁଛୁ । ବାଲେଶ୍ୱର ପୌରାଧକ୍ଷା ଶ୍ରୀମତୀ ସବିତା ସାହୁ, ଏକତ୍ର ବାଲେଶ୍ୱରର ଆବାହକ ଶ୍ରୀଯୁକ୍ତ ସରୋଜ ଦାସ ଆଦି କହିଲେ ଜଉ କଣ୍ଢେଇ ବାହାଘର ଉତ୍ସବ ଆମ ଜିଲ୍ଲାର ଐତିହ୍ୟ ଓ ପରମ୍ପରାକୁ ଉଜ୍ଜୀବିତ ରଖିବାକୁ ଯଥେଷ୍ଟ ସହାୟକ ହେବ । ଏହି ଉତ୍ସବପାଇଁ ଜିଲ୍ଲା ପ୍ରଶାସନ ଓ ଜିଲ୍ଲାବାସୀ ଭାବରେ ସମସ୍ତ ସହଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । ଏହି ଅବସରରେ ଶ୍ରୀ କାଳିକିଙ୍କର ଦାସଙ୍କ ଦ୍ୱାରା ସମ୍ପାଦିତ ଜଉ କଣ୍ଢେଇ ବାହାଘର ଉତ୍ସବ ସମିତିର ସ୍ମରଣିକା ଜଉ କଣ୍ଢେଇ-୨୦୨୫କୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଜଉ କଣ୍ଢେଇ ଉତ୍ସବ ସମିତିର କାର୍ଯ୍ୟକାରୀ ସଭାପତି ଡ଼ଃ ଉପେନ୍ଦ୍ର କୁମାର ପାତ୍ରଙ୍କ ପୌରହିତ୍ୱରେ ଅନୁଷ୍ଠିତ ଏହି ଉଦ୍ଘାଟନ ଉତ୍ସବରେ ପ୍ରାକ କଥା ରଖିଥିଲେ ମୁଖ୍ୟ ଉପଦେଷ୍ଟା ସହ ପ୍ରତିଷ୍ଠାତା ସମ୍ପାଦକ ଶିଳ୍ପୀ କେଶୁ ଦାସ । ଉତ୍ସବ ସମିତିର ସମ୍ପାଦକ ଡ଼ା କୁମାର ଗୋପାଳ ସମ୍ପାଦକୀୟ ବିବରଣୀପାଠ କରିଥିଲେ । ଏହି ଅବସରରେ ପୂର୍ବତନ ହସ୍ତକଳା ବିଭାଗର ଉପ-ନିର୍ଦ୍ଦେଶକ ଶ୍ରୀଯୁକ୍ତ ଅରୁଣ କୁମାର ସାହୁଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା ଓ ଶେଷ କଥା ରଖିଥିଲେ ଅନ୍ୟତମ ଯୁଗ୍ମ ସମ୍ପାଦକ ଶ୍ରୀଯୁକ୍ତ ରଘୁନାଥ ଲେଙ୍କା । ଗୁରୁ ସୁଜାତା ମହାପାତ୍ର ଓ ତାଙ୍କର ଗୁରୁକୀର୍ତ୍ତି ଅନୁଷ୍ଠାନର ନୃତ୍ୟଶିଳ୍ପୀ ମାନେ ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ । ଏହାଛଡା ଏହି ପ୍ରଥମ ସନ୍ଧ୍ୟାରେ ପ୍ରତିଭାରାଣୀ କଳାକେନ୍ଦ୍ର, ମିତାଲି ନୃତ୍ୟ ଦଳ ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ନୃତ୍ୟଶିଳ୍ପୀଙ୍କର ନୃତ୍ୟ ସମସ୍ତଙ୍କୁ ମୁଗ୍ଧ କରିଥିଲା । ପ୍ରଥମେ ଗୁରୁ ନନ୍ଦ କୁମାର ଦାସଙ୍କ ତତ୍ତ୍ୱାବଧାନରେ ବହ୍ନିମାନ ରଥ, କାହ୍ନୁ ଚରଣ ଲେଙ୍କା,ଉର୍ବଶୀ ଦାସ, ଧରିତ୍ରୀ ମିଶ୍ର ଆଦି ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ ।

# ୧୧ତମ ଚଳଚ୍ଚିତ୍ର ପୁରସ୍କାର ଓ କବି କଳାକାର ମହାକୁମ୍ଭରେ ସାମିଲହେଲେ ହଜାରରୁ ଅଧିକ କଳାକାର




ଭୁବନେଶ୍ୱର , ୨୨/୫ (ନି.ପ୍ର): ଗୁରୁବାର ସକାଳ ୯ ଘଂଟିକା ସମୟରେ ଜୟଦେବ ଭବନ ଭୁବନେଶ୍ୱର ଠାରେ ଓଡିଶା ସିନେ ୱାର୍କର୍ସ ଆଶସୋସିଏସନ ର ୧୧ତମ ଚଳଚ୍ଚିତ୍ର ଉତ୍ସବ ମହାଡମ୍ବରରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବ ରେ ଶ୍ରୀଯୁକ୍ତ ବାବୁ ସିଂ ମାନ୍ୟବର ବିଧାୟକ ଏକାମ୍ର ଭୁବନେଶ୍ୱର, ଖଣ୍ଡପଡା ବିଧାୟକ ଶ୍ରୀଯୁକ୍ତ ଦୁଷ୍ମନ୍ତ ସ୍ୱାଇଁ, ଚିକିଟି ବିଧାୟକ ଶ୍ରୀଯୁକ୍ତ ମନୋରଞ୍ଜନ ଦାନ, ଖୋର୍ଦ୍ଧା ଜିଲ୍ଲା ବିଜେପି ସଭାପତି ବିଶ୍ୱରଂଜନ ବଡ଼ଜେନା, ଅଭିନେତା ହରିହର ମହାପାତ୍ର, ଅଭିନେତ୍ରୀ ଅନନ୍ୟା ମିଶ୍ର, ସଂଗୀତ ନିର୍ଦ୍ଦେଶକ ପ୍ରଶାନ୍ତ ପାଢ଼ୀ, ଅଭିନେତ୍ରୀ ପଲ୍ଲବୀ ପ୍ରିୟ ଦର୍ଶିନୀ ନାଥ, ନିଁର୍ଦ୍ଧେଶକ କୁନାଲ ପଟ୍ଟନାୟକ,କଣ୍ଠଶିଳ୍ପୀ ସୌଜନ୍ୟା ରଥ, ଅଭିନେତ୍ରୀ ମନୀଷା ମଞ୍ଜରୀ ମିଶ୍ର,କବି ଡ଼. ଆର୍ତତ୍ରାଣ ସାହୁ,ସମାଜସେବୀ ଶ୍ରୀଯୁକ୍ତ ବିଜୟ କୁମାର ଜେନା, ଶ୍ରୀଯୁକ୍ତ ହେମନ୍ତ କୁମାର ସାମନ୍ତରାୟ, ମିଡ଼ିଆ ପ୍ଲାନର ପ୍ରଣୟ ଜେଠୀ, ,ସୁଶ୍ରୀ ଲକ୍ଷ୍ମୀପ୍ରିୟା ପଣ୍ଡା,ଡ଼. ବନ୍ଦନା ହରିଚନ୍ଦନ,ଅତିଥି ଭାବେ ଯୋଗଦାନ କରିଥିଲେ । ଅନୁଷ୍ଠାନ ର ସମ୍ପାଦକ ଡ଼. ପୂର୍ଣ୍ଣ ଚନ୍ଦ୍ର ବେହେରା ସ୍ୱାଗତ ଅଭିଭାଷଣ ଦେଇଥିଲେ । ମେଘ ମହ୍ଲାର ପବ୍ଲିକେସନ ତରଫରୁ କବି ନୀଳମଣି ସେଠି ଙ୍କ ପ୍ରେମ ମନ୍ଦାକିନୀ କବିତା ସଂକଳନ ଉନ୍ମୋଚନ ହୋଇଥିଲା । ବିଭିର୍ଣ୍ଣ କ୍ଷେତ୍ରରେ ପାରଦର୍ଶିତା ଲାଭକରିଥିବା ସାରା ଓଡିଶାରୁ କଳାହାଣ୍ଡି, ବଲାଙ୍ଗୀର ବୌଦ୍ଧ, ଫୁଲବାଣୀ, କୋରାପୁଟ, ମାଲକାନଗିରି,ଖୋର୍ଦ୍ଧା,ପୁରୀ,କଟକ, ନୟାଗଡ,ଜଗତସିଂହପୁର, କେନ୍ଦ୍ରାପଡ଼ା,ଢେଙ୍କାନାଳ ଜିଲ୍ଲାରୁ ୧୫୦ କଳାକାର ଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା । ଉତ୍ତମ ଶିକ୍ଷୟତ୍ରୀ ଭାବେ ଆରତୀ ବେହେରା, ଉତ୍ତମ ସାମ୍ବାଦିକ ଭାବେ ଜିତେନ୍ଦ୍ର କୁମାର ସାହୁ, ସରୋଜ କୁମାର ମୁଦୁଲି, ସମାଜସେବୀ ବିଜୟ କୁମାର ଜେନା ପ୍ରମୁଖ ଙ୍କୁ ଉପାଧି ରେ ଭୂଷିତ କରାଯାଇଥିଲା ।ଅନୁଷ୍ଠାନର କର୍ମକର୍ତ୍ତା ଓମ ପ୍ରକାଶ ମହାଦେବ, ଚନ୍ଦନ ବିଶ୍ୱାଳ, ଶିବୁନ, ବିକାଶ, ନୀଳମାଧ୍ୱ, ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଡ଼. ରୀନାବାଳା ସାହୁ ସଂଯୋଜନା କରିଥିଲେ ।

## ଆଫିଡେଭିଟ୍

ମୁଁ ଶ୍ରୀ ପଞ୍ଚାନନ ବିନ୍ଧାଣୀ, ପିତା- ଶ୍ରୀ ବିଶ୍ୱନାଥ ବିନ୍ଧାଣୀ, ଗ୍ରାମ- କ୍ଷୀରପଦା, ପୋଷ୍ଟ- ତଳକାଦଦା, ଥାନା- ଖୁଣ୍ଟା, ଜିଲ୍ଲା- ମୟୂରଭଂଜ ଅଟେ। ମୋର ଜୀବନବୀମା ପଲିସି ନଂ - ୫୮୭୫୩୧୨୦୦ରେ ମୋର ଡାକ ନାମ ଅଜୁ ବିନ୍ଧାଣି ଓ ପିତାଙ୍କ ଡାକ ନାମ ଶ୍ରୀ ବୁଦ୍ଧିଆ ବିନ୍ଧାଣୀ ଉଲ୍ଲେଖ କରାଯାଇଛି। ତେଣୁ ମୁଁ ଏହି ତୃଟି ସଂଶୋଧନ ପାଇଁ ବାଲେଶ୍ୱର ଏକଜ୍ୟୁକିଟିଭ ମାଜିଷ୍ଟ୍ରେଟଙ୍କ ନିକଟରେ ସତ୍ୟପାଠ କରାଇଛି। ତେଣୁ ସର୍ବତ୍ର ମୋର ନାମ ପଞ୍ଚାନନ ବିନ୍ଧାଣୀ ଓ ପିତା ବିଶ୍ୱନାଥ ବିନ୍ଧାଣୀ ଉଲ୍ଲେଖ କରିବାକୁ ଏତଦ୍ୱାରା ଘୋଷଣା କରୁଅଛି।

ବିଶ୍ୱନାଥ ବିନ୍ଧାଣୀ

# ରାଉତପଡ଼ା ସମବାୟ ସମିତିରେ ଧାନମଣ୍ଡି ଶୁଭାରମ୍ଭ



ବାଲେଶ୍ୱର, ୨୨/୫ (ନି.ପ୍ର): ବସ୍ତା ବ୍ଲକ ଅନ୍ତର୍ଗତ ରାଉତପଡ଼ା ସମବାୟ ସମିତିରେ ବୁଧବାର ରବିଧାନ କ୍ରୟ ନିମନ୍ତେ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି । ସମିତି ସଭାପତି ଦେବାଶିଷ ମହାପାତ୍ର ଯୋଗଦେଇ ଏହି ମଣ୍ଡିକୁ ଉଦ୍‌ଘାଟନ କରିଥିଲେ । ଧାନ କିଣାରେ ସ୍ୱଚ୍ଛତା ଓ ସମସ୍ତ ଚାଷୀ କିଭଳି ସୁରୁଖୁରୁରେ ଧାନ ବିକ୍ରି କରିପାରିବେ ସେ ଦିଗରେ ସଭାପତି ଗୁରୁତ୍ୱାରୋପ କରିଥିଲେ । ସମିତି ସମ୍ପାଦକ ସୃଷ୍ଟିଧର ରାଉତ ଧାନ କିଣା ସମ୍ପର୍କରେ ସରକାରଙ୍କ ନିୟମାବଳୀ ଉପସ୍ଥାପନ କରିଥିଲେ । ବରିଷ୍ଠ ସାମ୍ବାଦିକ ବାଞ୍ଛାନିଧି ଦେ, ଡାଇରେକ୍ଟର ଅଭିମନ୍ୟୁ ବର, ନରହରି ଦାସ, କେଫାଜୁଦ୍ଦିନ ଖାଁ, କୈଳାସ ନାୟକ, ଆରଏମ୍‌ସି ସେକ୍ରେଟାରୀ ଗୋପୀନାଥ ବିଶ୍ୱାଳ, କର୍ମଚାରୀ ହିମାଂଶୁ ବେହେରା, ଏସ୍‌ଏସ୍ ଏଗ୍ରି ବିଜିନେସ ଲିମିଟେଡ୍ ପକ୍ଷରୁ ରାଜେନ୍ଦ୍ର କୁମାର ସାହୁଙ୍କ ସମେତ ବହୁ ଚାଷୀ ଓ ଶ୍ରମିକ ଉପସ୍ଥିତ ଥିଲେ । ଏହି ଅବସରରେ ୧୧ ଜଣ ଚାଷୀଙ୍କ ଠାରୁ ୨୬ ଟନ୍ ଧାନ କ୍ରୟ କରାଯାଇଥିଲା । ସମିତି କର୍ମଚାରୀ ତପନ କୁମାର ଦୀକ୍ଷିତ୍, ଯତୀନ୍ଦ୍ର ଦାସ ଓ କବିତା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## କ୍ଷୀର ଦର ବୃଦ୍ଧି ଦାବିରେ ଜୁନ୍ ୧ରେ କ୍ଷୀର ଢାଳି ପ୍ରତିବାଦ କରିବେ ଦୁଗ୍ଧଚାଷୀ

ଭୁବନେଶ୍ୱର, ୨୨/୫ (ନି.ପ୍ର): ଗଲା ମାର୍ଚ୍ଚ ମାସରୁ ପ୍ରଗତି ଡାଏରୀ କ୍ଷୀର ଲିଟର ପିଛା ୩ ଟଙ୍କା ୫୦ପଇସା, ମିଲ୍କ ମୁଁ ୩ ଟଙ୍କା ଓ ଅମୁଲ୍ ୩ଟଙ୍କା ୫୦ ପଇସା ବଢାଇ ଚାଷୀଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ ଲିଟର ପିଛା ୪୦ ଟଙ୍କା (ପ୍ରଗତି) ୩୯ଟଙ୍କା (ମିଲ୍କମୁଁ) ଓ ୪୩ ଟଙ୍କା ୫୦ପଇସା (ଅମୁଲ) ଦେଉଥିବା ବେଳେ ଓମ୍‌ଫେଡ୍ କିନ୍ତୁ ଦୁଗ୍ଧ ଚାଷୀଙ୍କ ସମସ୍ୟା ପ୍ରତି ଆଖି ବୁଜି ଦେଇଛି ବୋଲି ଓଡ଼ିଶା ଦୁଗ୍ଧଚାଷୀ ମହାସଂଘ ଅଭିଯୋଗ କରିଛି । ମହାସଂଘର ରାଜ୍ୟ ଅଧ୍ୟକ୍ଷ ରବି ବେହେରା ଆଜି ଏକ ପ୍ରେସ୍ ବିବୃତିରେ କହିଛନ୍ତି ।

## ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ....

### ସୀମା ଲଂଘୁଛି ...

କୋର୍ଟ ଇଡିର କାର୍ଯ୍ୟକୁ "ଅନୁପଯୁକ୍ତ" ଏବଂ "ସମ୍ବିଧାନ ବିରୋଧୀ" ବୋଲି ମନ୍ତବ୍ୟ ଦେଇଛନ୍ତି, କାରଣ ଆଇନ ଓ ଶୃଙ୍ଖଳା ରାଜ୍ୟର ଅଧିକାର କ୍ଷେତ୍ର ଅଧୀନରେ ରହିଛି। ତାମିଲନାଡୁ ସରକାର ଏବଂ ଟାସମାକ ମାଡ୍ରାସ ହାଇକୋର୍ଟର ଏପ୍ରିଲ ୨୩, ୨୦୨୫ ଆଦେଶକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟଙ୍କ ନିକଟରେ ଆବେଦନ କରିଥିଲେ, ଯେଉଁଥିରେ ହାଇକୋର୍ଟ ଇଡିକୁ ତଦନ୍ତ ଜାରି ରଖିବାକୁ ଅନୁମତି ଦେଇଥିଲା। ରାଜ୍ୟ ସରକାର ଅଭିଯୋଗ କରିଛନ୍ତି ଯେ ଇଡି ଅନୁମତି ବିନା ଚଢ଼ାଉ କରିଛି ଏବଂ କର୍ମଚାରୀଙ୍କ ମୋବାଇଲ ଫୋନ କ୍ଲୋନ କରି ଗୋପନୀୟତା ଉଲ୍ଲଂଘନ କରିଛି। ଡିଏମକେ ନେତୃତ୍ୱାଧୀନ ତାମିଲନାଡୁ ସରକାର ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କୁ ରାଜନୈତିକ ଉଦ୍ଦେଶ୍ୟରେ ଇଡି ଭଳି ତଦନ୍ତ ସଂସ୍ଥାଗୁଡ଼ିକର ଦୁରୁପଯୋଗ କରୁଥିବା ଅଭିଯୋଗ କରିଛନ୍ତି। ଡିଏମକେର ଜଣେ ବରିଷ୍ଠ ନେତା ଏହି ସୁପ୍ରିମକୋର୍ଟ ଆଦେଶକୁ ସ୍ୱାଗତ କରି କହିଛନ୍ତି ଯେ, ଏହା କେବଳ ତାମିଲନାଡୁ ନୁହେଁ, ବରଂ ସମସ୍ତ ଅଣ-ଭାଜପା ଶାସିତ ରାଜ୍ୟ ପାଇଁ ଆଶ୍ୱାସନା ଦେଇଛି। ଇଡି ପକ୍ଷରୁ ଯୁକ୍ତି ରଖାଯାଇଥିଲା ଯେ, ଟାସମାକ ଅଧିକାରୀମାନେ ଲାଞ୍ଚ ନେଇଥିବା, ମଦ ବୋତଲର ମୂଲ୍ୟ ବଢ଼ାଇଥିବା ଏବଂ କର୍ମଚାରୀଙ୍କ ବଦଳି ଓ ପୋଷ୍ଟିଂରେ ଅନିୟମିତତା କରିଥିବା ଅଭିଯୋଗ ଆଧାରରେ ଚଢ଼ାଉ କରାଯାଇଥିଲା। ତେବେ, ସୁପ୍ରିମକୋର୍ଟ ଏହାକୁ "ଅଯଥା ହସ୍ତକ୍ଷେପ" ବୋଲି ବିବେଚନା କରି ତଦନ୍ତ ଅଟକାଇଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଜୁନ୍ ୧ ପରେ ହେବ।

### ଓଡ଼ିଶାରେ ପଶିଲା...

ଏପରିକି କୋଭିଡ୍‌କୁ ନେଇ ଭାରତ ସରକାର କିମ୍ବା ନ୍ୟାସନାଲ ସେଣ୍ଟର ଫର୍ ଡିଜିଜ୍ କଣ୍ଟ୍ରୋଲପକ୍ଷରୁ କୌଣସି ନୂଆ ନିର୍ଦ୍ଦେଶନାମା ଜାରି କରିନାହାନ୍ତି। ତେବେ କୋଭିଡ୍ ପରିଚାଳନା ଲାଗି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଆସିଛି। ସ୍ୱାସ୍ଥ୍ୟ ବିଭାଗ କୋଭିଡ୍‌କୁ ନେଇ ସମ୍ପୂର୍ଣ୍ଣ ସଜାଗ ରହିଛି। ଏଥିପାଇଁ ପର୍ଯ୍ୟାପ୍ତ ପଦକ୍ଷେପ ଗ୍ରହଣ କରାଯାଉଛି। ଆଗାମୀ ଦିନରେ କେନ୍ଦ୍ର ସରକାରଙ୍କଠାରୁ ଯାହା ନିର୍ଦ୍ଦେଶନାମା ଆସିବ, ସେହି ହିସାବରେ କାମ କରାଯିବ। ଏପଟେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟ କହୁଛି, ଚଳିତ ମାସ ୧୨ ତାରିଖ ଠାରୁ ୧୯ ତାରିଖ ମଧ୍ୟରେ ସପ୍ତାହକ ମଧ୍ୟରେ ଦେଶରେ ୨୫୭ ଜଣ ସକ୍ରିୟ କୋଭିଡ୍ ରୋଗୀ ରହିଛନ୍ତି। ତେବେ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା କଥା, ଏହା ହେଉଛି ମହାମାରୀ ପରବର୍ତ୍ତୀ ଲହର। କୋଭିଡ୍ ଲକ୍ଷଣ ଦେଖାଦେଲେ ମେଡିସିନ୍ ଖାଇଲେ ଭଲ ହୋଇଯିବେ। କିନ୍ତୁ ବହୁବିଧ ରୋଗୀ, ଗର୍ଭବତୀ, ଛୋଟ ପିଲା ଓ ବୟସ୍କ ବ୍ୟକ୍ତି ସତର୍କ ରହିବା ଉଚିତ୍। ଏହାପୂର୍ବରୁ ଶେଷ ଥର ପାଇଁ ୨୦୨୪ ଅକ୍ଟୋବର ୮ ତାରିଖରେ ରାଜ୍ୟରେ ଜଣେ କୋଭିଡ୍ ରୋଗୀ ଚିହ୍ନଟ ହୋଇଥିଲେ। ସେହିମାସରେ ରାଜ୍ୟରେ ମୋଟ ୩ ଜଣ ରୋଗୀ କରୋନା ପଜିଟିଭରେ ଆକ୍ରାନ୍ତ ହୋଇଥିଲେ। ତେବେ ଏହା ପରଠାରୁ ରାଜ୍ୟରେ ଦୈନିକ ହାରାହାରି ୨୫୦ ଜଣ ଲୋକଙ୍କ କୋଭିଡ୍ ପରୀକ୍ଷା ହେଉଥିଲେ ମଧ୍ୟ କୌଣସି ନୂଆ କୋଭିଡ୍ ମାମଲା ସାମ୍ନାକୁ ଆସି ନଥିଲା।

### ଶିଳ୍ପ ଇତିହାସରେ ଯୋଡ଼ି ହେଲା...

୧୭ ଲକ୍ଷ କୋଟି ଟଙ୍କାର ନିବେଶ ଆମେ ପାଇଥିଲୁ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ । ଆଜି କଳିଙ୍ଗନଗର ଠାରେ ନୂତନ ଭାବେ ଗଢି ଉଠିଥିବା ଇମ୍ଫା, ଜଟିଆ ଷ୍ଟିଲ ପ୍ଲାଣ୍ଟ,ଏସଏସସିପିଏଲ, ଜେଏସଏଲ ଭଳି ମୋଟ ୧୬ଟି କମ୍ପାନୀର ମଧ୍ୟ ଶିଳାନ୍ୟାସ ଓ ଉଦଘାଟନ କରିଥିଲେ ମୁଖ୍ୟମନ୍ତ୍ରୀ । କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥିଭାବେ ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ କୁମାର ସ୍ୱାଇଁ, ରାଜ୍ୟ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ଟାଟା ଷ୍ଟିଲ୍ ସିଇଓ ଟିଭି ନରେନ୍ଦ୍ରନ୍, ଇମ୍ଫା ଏମଡି ଶୁଭ୍ରକାନ୍ତ ପଣ୍ଡାଙ୍କ ସମେତ ବିଶିଷ୍ଟ ଶିଳ୍ପପତି ଏବଂ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

### ବାଂଲାଦେଶୀଙ୍କ ଲାଗି ...

କରାଯାଇଥିବା ବେଳେ କୁଶ ପୁତ୍ତଳିକା ଦାହ କରିବା ସହ ମେୟରଙ୍କ ଇସ୍ତଫା ଦାବି କରିଛନ୍ତି। ବିଧାୟକ ବାବୁ ସିଂ କହିଛନ୍ତି, ଆମ ଦେଶ, ରାଜ୍ୟ ଏବଂ ସହରରେ କେବଳ ଆମ ଦେଶର ନାଗରିକ ହିଁ ରହିପାରିବେ। ଦେଶ ସୁରକ୍ଷା ଆଗରେ କାହା ସହ ସାଲିସ କରାଯାଇପାରିବ ନାହିଁ। ସେପଟେ ବିରୋଧ ବଢୁଥିବା ଦେଖି ୟୁ-ଟର୍ଣ୍ଣ ମାରିଛନ୍ତି ମେୟର। ଆଜି କହିଛନ୍ତି, ସରକାର ଯାହା ନିଷ୍ପତ୍ତି ନେବେ ତାକୁ କାର୍ଯ୍ୟକାରୀ କରାଯିବ। ପହଲଗାମ ଆତଙ୍କୀ ଆକ୍ରମଣ ପରେ ସାରା ଦେଶରେ ହାଇଆଲର୍ଟ। ପାକିସ୍ତାନୀ ନାଗରିକ ସହ ଆରମ୍ଭ ହୋଇଛି ବେଆଇନ୍ ବାଙ୍ଗଲାଦେଶୀ ଚିହ୍ନଟ ପ୍ରକ୍ରିୟା। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ନୋଡାଲ ଏଜେନ୍ସି ଭାବେ ଦାୟିତ୍ୱ ନେଇଛି ଝଞ୍ଜର। କୌଣସି ଅଣଭାରତୀୟ ନାଗରିକ ଓଡ଼ିଶାରେ ରହିପାରିବେ ନାହିଁ ବୋଲି ପୂର୍ବରୁ ସ୍ପଷ୍ଟ କରିସାରିଛନ୍ତି ଆଇନ ମନ୍ତ୍ରୀ। ଦେଶରେ ଶରଣାର୍ଥୀଙ୍କ ସ୍ଥାୟୀ ରହଣି ପ୍ରସଙ୍ଗରେ ଦିନକ ତଳେ କଡ଼ା ଆଭିମୁଖ୍ୟ ରଖିଥିଲେ ସୁପ୍ରିମକୋର୍ଟ। ସଫା ସଫା କହିଥିଲେ, ଭାରତ ଏକ ଧର୍ମଶାଳା ନୁହେଁ, ଏଠାରେ ଅନ୍ୟ ରାଷ୍ଟ୍ରରୁ ଆସୁଥିବା ଯେକୌଣସି ବ୍ୟକ୍ତିଙ୍କୁ ରହିବା ପାଇଁ ଅନୁମତି ମିଳିପାରିବ ନାହିଁ।

### ସାମ୍ନାକୁ ଆସିଲା ମାଓ...

୨୭ ନକ୍ସଲଙ୍କ ମୃତ୍ୟୁ ଏବଂ ଅପରେସନର ସଫଳତା ପରେ ଏଭଳି ଉତ୍ସାହ ଦେଖିବାକୁ ମିଳିଥିଲା ଡିଆରଜି ଯବାନଙ୍କ ମଧ୍ୟରେ । ଏନକାଉଣ୍ଟର ସ୍ଥଳରୁ ମୃତଦେହ ତ ଆସିଲା । ତା'ସହ ଆସିଛି ବିପୁଳ ପରିମାଣର ଅତ୍ୟାଧୁନିକ ବନ୍ଧୁକ, ଗୁଳିଗୋଳା ସହ ଅସ୍ତ୍ରଶସ୍ତ୍ର । ଯାହାକୁ ଧାଡ଼ି ଧାଡ଼ି କରି ନାରାୟଣପୁର ପୋଲିସ ଲାଇନରେ ସଜାଇ ରଖାଯାଇଛି । ତା'ମଧ୍ୟରେ ରହିଛି, ୩୦୩ ରାଇଫଲ୍ , ଏକେ-୪୭, ଇନସାସ୍ ରାଇଫଲ୍ ଭଳି ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ସହ ବିସ୍ଫୋରକ ସାମଗ୍ରୀ । ଏ ଅସ୍ତ୍ରଶସ୍ତ୍ର ହିଁ ପ୍ରମାଣ କରୁଛି, ଅବୁଝମାଡ୍ ଜଙ୍ଗଲରେ କେମିତି କାୟା ମେଲାଇଥିଲା ଏକ ବିଶାଳ ମାଓ ସଂଗଠନ । ଯାହା ଉପରେ ଗତ ୩ ଦିନ ଧରି ପ୍ରହାର କରି ଧ୍ୱଂସ ବିଧ୍ୱସ୍ତ କରିଦେଇଛନ୍ତି ଡିଆରିଜି ଯବାନ । ଏହି ଅପରେସନରେ ୨ ଡିଜିଏ ଯବାନ ଖଟଲୁ ରାମ୍ କୋରାମ୍ ଏବଂ ରମେଶ ହେମଲା ସହିଦ ହୋଇଛନ୍ତି । ନାରାୟଣପୁରରେ ଉଭୟଙ୍କ ମରଶରୀର ପହଞ୍ଚିବା ପରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଅନ୍ତିମ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି ଛତିଶଗଡ଼ ଡିଜିପିଙ୍କ ସହ ବରିଷ୍ଠ ଅଧିକାରୀ । ୩ ଦିନିଆ ଅପରେସନରେ ସାମିଲ ହୋଇଥିଲେ ଛତିଶଗଡ଼ ବିଜାପୁର, ଦନ୍ତେୱାଡ଼ା, ନାରାୟଣପୁର ଏବଂ ବସ୍ତର ଆଦି ୪ ଜିଲ୍ଲାର ସୁରକ୍ଷାକର୍ମୀ। ଯାହାର ନେତୃତ୍ୱ ନେଇଥିଲେ ନାରାୟଣପୁର ଡିଆରଜି ଯବାନ । ମିଶନ୍ ମାଓମୁକ୍ତ ଭାରତ ଅଭିଯାନରେ ବାସବରାଜୁ ଭଳି ଦୁର୍ଦ୍ଧାନ୍ତ ମାଓନେତା ସହ ୨୭ ମାଓବାଦୀଙ୍କ ମୃତ୍ୟୁ ପରେ ଅନ୍ୟ ଜଙ୍ଗଲରେ ଆଉ କେଉଁ କ୍ୟାଡର୍ ଓ ଶୀର୍ଷ ମାଓନେତା ଜୀବିତ ନାହାଁନ୍ତି ତ ? ସେନେଇ ବଢ଼ିଛି ଚର୍ଚ୍ଚା । ସେପଟେ ସୁକମା ବିଜାପୁରରେ ନକ୍ସଲଙ୍କ ସହ ମୁହାଁମୁହିଁ ହୋଇଛନ୍ତି ସୁରକ୍ଷାକର୍ମୀ । ଏଥିରେ ଜଣେ ମାଓବାଦୀର ମୃତ୍ୟୁ ହୋଇଥିବାବେଳେ ୨୧୦ ନମ୍ବର କୋବ୍ରା ବାଟାଲିୟନର ଜଣେ ଯବାନ ସହିଦ ହୋଇଥିବା ସୂଚନା ମିଳିଛି ।

### ଜମ୍ମୁ-କଶ୍ମୀର ପୂର୍ବତନ...

ସାର୍ବଜନୀନ କରିଥିଲେ ଏବଂ କହିଥିଲେ ଯେ ସେ ଏହି "ଅନୁଚିତ" ଚୁକ୍ତିକୁ ବାତିଲ କରିଥିଲେ। ତେବେ, ସିବିଆଇ ୨୦୨୨ରେ ଏହି ମାମଲାରେ ଏକ ଏଫଆଇଆର ଦାଖଲ କରି ତଦନ୍ତ ଆରମ୍ଭ କରିଥିଲା ଏବଂ ଗତ ବର୍ଷ ଫେବୃଆରୀରେ ମଲିକଙ୍କ ଘର ସମେତ ୩୦ଟି ସ୍ଥାନରେ ଚଢ଼ାଉ କରିଥିଲା। ସିବିଆଇ ଚାର୍ଜସିଟରେ ମଲିକଙ୍କ ସହ ତାଙ୍କ ଦୁଇ ବ୍ୟକ୍ତିଗତ ସଚିବ ବିରେନ୍ଦ୍ର ରାଣା ଓ କଂୱର ସିଂ ରାଣା, ଚେନାବ ଭ୍ୟାଲି ପାୱାର ପ୍ରୋଜେକ୍ଟସ ପ୍ରାଇଭେଟ ଲିମିଟେଡ (ସିଭିପିପିଏଲ)ର ତତ୍କାଳୀନ ଅଧ୍ୟକ୍ଷ ନବୀନ କୁମାର ଚୌଧୁରୀ, ମ୍ୟାନେଜିଂ ଡାଇରେକ୍ଟର ଏମ.ଏସ. ବାବୁ, ଡାଇରେକ୍ଟର ଏମ.କେ. ମିତ୍ତଲ ଓ ଅରୁଣ କୁମାର ମିଶ୍ର ଏବଂ ଠିକା କମ୍ପାନୀ ପ୍ୟାଟେଲ ଇଞ୍ଜିନିୟରିଂ ଲିମିଟେଡ ଏବଂ ବ୍ୟକ୍ତିଗତ ବ୍ୟକ୍ତି କଂୱଲଜିତ ସିଂ ଦୁଗ୍ଗଲଙ୍କ ନାମ ଅନ୍ତର୍ଭୁକ୍ତ ହୋଇଛି। ମଲିକ ଗତବର୍ଷ ସିବିଆଇ ଚଢ଼ାଉ ପରେ ଅଭିଯୋଗ କରିଥିଲେ ଯେ, ସେ ଦୁର୍ନୀତିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଅଭିଯୋଗ କରିଥିଲେ, କିନ୍ତୁ ତାଙ୍କ ଘରେ ଚଢ଼ାଉ କରାଯାଇଛି। ସେ ଏକ ଅନଲାଇନ ପୋଷ୍ଟରେ କହିଥିଲେ, "ସେମାନେ କେବଳ ୪-୫ଟି କୁର୍ତ୍ତା ଓ ପାଇଜାମା ବ୍ୟତୀତ କିଛି ପାଇବେ ନାହିଁ। ଏକ ତାନାଶାହ ସରକାରୀ ସଂସ୍ଥାଗୁଡ଼ିକର ଦୁରୁପଯୋଗ କରି ମୋତେ ଭୟଭୀତ କରିବାକୁ ଚେଷ୍ଟା କରୁଛି। ମୁଁ ଏକ କୃଷକର ପୁଅ, ମୁଁ ଭୟଭୀତ ହେବି ନାହିଁ କି ନତମସ୍ତକ ହେବି ନାହିଁ।" ଗୁରୁବାର ମଲିକ ଏକ୍ସରେ ଏକ ପୋଷ୍ଟ ଜାରି କରି କହିଛନ୍ତି, "ମୋ ନିକଟରୁ ଅନେକ ଶୁଭେଚ୍ଛୁଙ୍କ ଫୋନ ଆସୁଛି, କିନ୍ତୁ ମୁଁ ସେଗୁଡ଼ିକୁ ଉଠାଇ ପାରୁନାହିଁ। ମୋର ସ୍ୱାସ୍ଥ୍ୟାବସ୍ଥା ବର୍ତ୍ତମାନ ଅତ୍ୟନ୍ତ ଗମ୍ଭୀର। ମୁଁ ଦିଲ୍ଲୀର ରାମ ମନୋହର ଲୋହିଆ ହସ୍ପିଟାଲରେ ଭର୍ତ୍ତି ହୋଇଛି ଏବଂ କାହା ସହ କଥା ହେବା ଅବସ୍ଥାରେ ନାହିଁ।" ଏହି ପୋଷ୍ଟରେ ତାଙ୍କର ଏକ ହସ୍ପିଟାଲ ବେଡ୍ ?ରେ ଶୋଇଥିବା ଫଟୋ ମଧ୍ୟ ସାମିଲ ରହିଛି।

# ସୁଧାକର ବୁର୍ଗି ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିସନ ଅଧ୍ୟକ୍ଷ ନିଯୁକ୍ତ

ଭୁବନେଶ୍ୱର, ୨୨/୫ (ନି.ପ୍ର): ଅବସରପ୍ରାପ୍ତ ଆଇଏଏସ ଅଧିକାରୀ ସୁଧାକର ବୁର୍ଗିଙ୍କୁ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ୍ କମିସନ(ଓଏସଏସସି)ର ଅଧ୍ୟକ୍ଷ ଭାବରେ ନିଯୁକ୍ତ କରାଯାଇଛି ।ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସୁଧାକର ବୁର୍ଗି ବର୍ତ୍ତମାନ ଓଏସଏସସିର ସଦସ୍ୟ ଅଛନ୍ତି। ପୂର୍ବତନ ଓଏସଏସସି ଅଧ୍ୟକ୍ଷ ତଥା ପୂର୍ବତନ ଡିଜିପି ଅଭୟଙ୍କ ଇସ୍ତଫା ପରେ ଏହି ପଦବୀ ଖାଲି ଥିଲା। ଅଭୟ ଗତ ୧୯ ତାରିଖରେ ତାଙ୍କ ପଦବୀରୁ ଇସ୍ତଫା ଦେଇଥିଲେ। ଅଭୟଙ୍କ ଇସ୍ତଫା ପତ୍ରକୁ ଭଲ ଭାବରେ ବିଚାର କରିବା ପରେ, ସରକାର ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିସନ ତାଙ୍କ ଇସ୍ତଫାପତ୍ରକୁ ତୁରନ୍ତ ଗ୍ରହଣ କରିଥିବା ନେଇ ରାଜ୍ୟ ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତିରେ କୁହାଯାଇଛି।

